୬ ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଭାରତକୁ ଝଟ୍କା, ବ୍ୟକ୍ତିଗତ କାରଣରୁ ପଦ ଛାଡ଼ିଲେ ମେରୀ କମ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008



କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୭୬ ● ୧୩ ଅପ୍ରେଲ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-76 ● 13th April 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24

## ଜମ୍ମୁ-କଶ୍ମୀରକୁ ମିଳିବ ରାଜ୍ୟ ମାନ୍ୟତା

# ଖୁବଶୀଘ୍ର ହେବ ବିଧାନସଭା ନିର୍ବାଚନ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୨।୪**

ଜମ୍ମୁ-କଶ୍ମୀର ଖୁବଶୀଘ୍ର ଫେରି ପାଇବ ରାଜ୍ୟ ମାନ୍ୟତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହି ଘୋଷଣା କରିଛନ୍ତି। ତେବେ ରାଜ୍ୟ ମାନ୍ୟତା ମିଳିବା ପରେ ବିଧାନସଭା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ।

ଉଦ୍ଧାମପୁରରେ ଏକ ଜନ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ମୋଦି ବହୁତ ଆଗରେ ଭାବେ। ତେଣୁ ଏପର୍ଯ୍ୟନ୍ତ ଯାହା ଘଟିଛି ତାହା କେବଳ ଟ୍ରେଲର। ମୋତେ ନୂଆ ଜମ୍ମୁ-କଶ୍ମୀରର ଏକ ନୂତନ ତଥା ଚମତ୍କାର ଚିତ୍ର ସୃଷ୍ଟି କରିବାରେ ବ୍ୟସ୍ତ ହେବାକୁ ପଡିବ। ସମୟ ଆସି ନାହିଁ, ଯେତେବେଳେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ପାଇବ। ଆପଣ ଆପଣଙ୍କର ବିଧାୟକ ଏବଂ ଆପଣଙ୍କ ମନ୍ତ୍ରୀମାନଙ୍କ ସହ ଆପଣଙ୍କର ସ୍ୱପ୍ନ ବାଣ୍ଟିବାକୁ ସମର୍ଥ ହେବେ।



ସେ ଆହୁରି ମଧ୍ୟ କହିଛନ୍ତି ଯେ ଆତଙ୍କବାଦ, ପଥର ଫିଙ୍ଗିବା ଏବଂ ସୀମାବର୍ତ୍ତୀ ଗୁଳି ବିନିମୟ ବିନା ଜମ୍ମୁ-କଶ୍ମୀରରେ ଆଗାମୀ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ।

ଏକ ସମାବେଶକୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ ସେ ଜମ୍ମୁ-କଶ୍ମୀରବାସୀଙ୍କ ଦୀର୍ଘ ଦିନର ଦୁଃଖ ଦୂର କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ଏବଂ ସମ୍ବିଧାନର ଧାରା ୩୭୦ ଫେରାଇ ଆଣିବାକୁ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳଙ୍କୁ ଆହ୍ୱାନ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଗଷ୍ଟ ୨୦୧୯ରେ ସମ୍ବିଧାନର ଧାରା ୩୭୦ ରଦ୍ଦ କରିଦେଇଛି। ଯଥାକ୍ରମେ ଉଦ୍ଧାମପୁର ଏବଂ ଜମ୍ମୁ ଆସନ ପାଇଁ ବିଜେପି ପ୍ରାର୍ଥୀ ଜିତେନ୍ଦ୍ର ସିଂ ଏବଂ ଜୁଗାଲ କିଶୋରଙ୍କୁ ଭୋଟ ଦେବା ପାଇଁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଉଦ୍ଧାମପୁର ଏପ୍ରିଲ ୧୯ରେ ମତଦାନ ଅନୁଷ୍ଠିତ ହେବ।

# ନବୀନଙ୍କ ମାଷ୍ଟର ଷ୍ଟ୍ରୋକ, ମଇଦାନରେ ହେବ ଷ୍ଟାର ଟକ୍କର !

**ଭୁବନେଶ୍ୱର, ୧୨।୪**

**ନ୍ୟୁଜ୍ ବ୍ୟୁରୋ**

ମୁଣ୍ଡ ଉପରେ ସାଧାରଣ ନିର୍ବାଚନ। ଏହି ନିର୍ବାଚନରେ ହାଟ୍ରିକ ବିଜୟକୁ ଲକ୍ଷ୍ୟ କରି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି ବିଜେଡ଼ି । ଗତ ନିର୍ବାଚନରେ ଦଳର ଷ୍ଟାର ପ୍ରଚାରକ ସାଜିଥିବା ଏମ୍‌ପି ଅନୁଭବ ମହାନ୍ତି, ଆକାଶ ଦାସନାୟକ ଓ ଅରିନ୍ଦମ ରାୟ ଭଳି ଜଣାଶୁଣା ଅଭିନେତା ଏଥର ବିଜେଡ଼ି ଛାଡ଼ି ଭାଜପା କ୍ୟାମ୍ପରେ ଯୋଗ ଦେଇଛନ୍ତି । ଏହାରି ମଧ୍ୟରେ ଶୁକ୍ରବାର ନବୀନ ନିବାସରେ ଓଲିଉଡ ଷ୍ଟାରଙ୍କ ଗହଳି ଜମିଛି । ଅଭିନେତା ବାବୁସାନ ମହାନ୍ତିଙ୍କ ସମେତ ଭେଟେରାନ ଅଭିନେତା ମିହିର ଦାସଙ୍କ ପୁଅ ଅମ୍ଲାନଙ୍କୁ ନବୀନ ନିବାସରେ ଦେଖିବାକୁ ମିଳିଛି । ଏନେଇ ନାନା ଆକଳନ କରିବା ଆରମ୍ଭ କରିଛନ୍ତି ରାଜନୈତିକ ମହଲ। ଏହି ଅଭିନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଓ ୫-ଟି ଅଧକ୍ଷଙ୍କୁ ମଧ୍ୟ ଭେଟିଛନ୍ତି। ଯାହା ରାଜ୍ୟ ରାଜନୀତି ମହଲକୁ ଖୁବ ସରଗରମ କରିଛି।

ବାବୁସାନଙ୍କ ସହ ସ୍ୱରାଜ, ଭୂମିକା, ସୁପ୍ରିୟାଙ୍କ ଭଳି ଆଗ ଧାଡ଼ିର ଅଭିନେତା, ଅଭିନେତ୍ରୀଙ୍କୁ ନବୀନ ନିବାସରେ ଦେଖିବାକୁ ମିଳିଛି । ତାଙ୍କ ସହ ହାସ୍ୟ ଅଭିନେତା ପ୍ରଜ୍ଞା, ଶଙ୍କର ଏବଂ ପପୁ ପମପମ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ଏହାସହ ଧାରାବାହିକ ଅଭିନେତା ଅଭିନେତ୍ରୀ ଲିପ୍ସା, ଦେବାଶିଷ,



ଗୁଡୁଙ୍କ ଭଳି ଆଗ ଧାଡ଼ିର ଅଭିନେତା ଅଭିନେତ୍ରୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଭେଟିଛନ୍ତି ।

ନବୀନ ନିବାସରୁ ଫେରିବା ପରେ ସେମାନେ କହିଛନ୍ତି, ରାଜ୍ୟ ସରକାରଙ୍କ ଆଗାମୀ ୧୦ ବର୍ଷର ଭିଜନ ନେଇ ଆଲୋଚନା ହୋଇଛି। ଓଲିଉଡକୁ ନେଇ ସରକାରଙ୍କ କଣ ଆଭିମୁଖ୍ୟ ରହିଛି ସେ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି । ୫-ଟି ଅଧକ୍ଷ ମଧ୍ୟ ସବୁ କଳାକାରଙ୍କ ଫିଡବ୍ୟାକ ନେଇଛନ୍ତି । ଏଥିସହ ରାଜନୈତିକ କାର୍ଯ୍ୟକଳାପ ନେଇ କୌଣସି ଆଲୋଚନା ହୋଇ ନ ଥିବା କଳାକାରମାନେ କହିଛନ୍ତି। କିନ୍ତୁ ଚର୍ଚ୍ଚା ହେଉଛି କି, ଏହି ବଡ଼ ବଡ଼ ଷ୍ଟାରଙ୍କୁ ଷ୍ଟାର ପ୍ରଚାରକ ଭାବେ ବିଜେଡି ଘୋଷଣା କରିପାରେ।

୨୦୨୪ ନିର୍ବାଚନରେ ଏମପି ତଥା ଓଲିଉଡ ସୁପରଷ୍ଟାର ଅନୁଭବ ମହାନ୍ତି, ସିଦ୍ଧାନ୍ତ ମହାପାତ୍ର, ଆକାଶଦାସ ନାୟକ, ଅରିନ୍ଦମ ରାୟ ଭାଜପାରେ ଯୋଗ ଦେଇଛନ୍ତି । ତେଣୁ କୁହାଯାଉଛି କି ଏହିସବୁ ଷ୍ଟାରଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇ ପାରନ୍ତି ବିଜେଡି ସୁପ୍ରିମୋ । ତେବେ ଏହି ସବୁ ଆକଳନରେ ସତ୍ୟତା ନାହିଁ ବୋଲି କହିଛନ୍ତି ଓଲିଉଡ ଷ୍ଟାର । ସେପଟେ କିଛି ଅଭିନେତା ରାଜନୀତିକୁ ନେଇ କୌଣସି ଚର୍ଚ୍ଚା ହୋଇ ନ ଥିବା କହୁଥିବାବେଳେ ଅଭିନେତା ଗୁଡୁ ପ୍ରଚାରକୁ ନେଇ ମତ ରଖିଛନ୍ତି। ଚର୍ଚ୍ଚା ହେଉଛି କି, ଏହି ଷ୍ଟାରମାନଙ୍କୁ ମଧ୍ୟ ଆଗାମୀ ଦିନରେ ବିଜେଡି ଟିକେଟ ଦେଇ ମଇଦାନକୁ ଓହ୍ଲାଇପାରେ।

## ଇରାନ ଓ ଇସ୍ରାଏଲ ଯିବାକୁ ଭାରତୀୟଙ୍କୁ ବାରଣ

**ନୂଆଦିଲ୍ଲୀ, ୧୨।୪**

ପରବର୍ତ୍ତୀ ନୋଟିସ ଯାଏଁ ଭାରତୀୟମାନେ ଇସ୍ରାଏଲ ଓ ଇରାନ ଗସ୍ତରୁ ଦୂରେଇ ରୁହନ୍ତୁ ବୋଲି ଶୁକ୍ରବାର ଭାରତ ସରକାର ଗୋଟିଏ ନୋଟିସ ଜାରି କରିଛନ୍ତି । *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ଆଜିଠାରୁ ନିର୍ବାଚନ ଭଣ୍ଡୁର ନେଇ ଗାଁ ଗାଁରେ ରାଲି କରିବ ନକ୍ସଲ ସଂଗଠନ, ସୀମାରେ ହାଇଆଲର୍ଟ

**ମାଲକାନଗିରି, ୧୨।୪**

**ନ୍ୟୁଜ୍ ବ୍ୟୁରୋ**

୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ନକ୍ସଲ ସଂଗଠନର କେନ୍ଦ୍ରୀୟ କମିଟି ପ୍ରଥମରୁ ହିଁ ଲୋକଙ୍କୁ ଏଥିରେ ଭାଗ ନନେବାକୁ ଆହ୍ୱାନ ଦେଇଛି । ତେବେ ଶନିବାର ଠାରୁ ନକ୍ସଲ ସଂଗଠନ ପକ୍ଷରୁ ଛତିଶଗଡ ଏବଂ ମାଲକାନଗିରି ଜିଲ୍ଲାର ଦୁର୍ଗମ ଗାଁଗୁଡିକରେ ନକ୍ସଲ ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ରାଲିର ଆୟୋଜନ କରିବା ନେଇ ସ୍ପଷ୍ଟ କରିଛି । ଦୀର୍ଘ ଦିନ ଧରି ମାଲକାନଗିରି *(ପୃଷ୍ଠା ୭ରେ)*



# ପୁଣି ଫେରିବ ତାତି : ୧୭ ରୁ ୨୦ ଯାଏଁ ସାଙ୍ଘାତିକ ହେବ ସ୍ଥିତି

**ଭୁବନେଶ୍ୱର, ୧୨।୪**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟବାସୀଙ୍କୁ ପୁଣି କଲବଲ କରିବ ତାତି । ଗତ କିଛି ଦିନ ଧରି ଥଣ୍ଡା ଓ କୋହଲା ପାଗ ପରେ ପୁଣି ୧୫ ତାରିଖଠୁ ତାତିରେ ବୃଦ୍ଧି ହେବା ସହ ୧୭ ରୁ ୨୦ ସାଙ୍ଘାତିକ ସ୍ଥିତି ହେବ। ଏନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଗୁଆ ସତର୍କ କରିଦିଆଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୬-୮ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏହାଦ୍ୱାରା ପୁଣି ଥରେ *(ପୃଷ୍ଠା ୭ରେ)*



## ଏକାଳ ପକାଳ



ରାଜନୀତି ପାଣି ଏବେ ଗୋଳିଆ ଯେ
ଭାବିପାରିବନି କେହି
ଡିଆଁକୁଦା ଗୋହିଖୋଲାଖୋଲି
ସଦା ଥାଏ ଏଠି ରହି
ମିଳେ ନାହିଁ ଏଠି ତ୍ରାହି
ସ୍ୱାର୍ଥ ପାଇଁ କେହି କାହାର ନୁହଁନ୍ତି
ଖାଲି ତେଉଁଥାଏ ନାହି।

# ଆମ୍ବେଦକର ମଧ୍ୟ ସମ୍ବିଧାନର ଉଚ୍ଛେଦ କରିପାରିବେ ନାହିଁ: ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ, ୧୨।୪**

ବିଜେପି ସମ୍ବିଧାନକୁ ନଷ୍ଟ କରିବାକୁ ଯାଉଛି ବୋଲି ବିରୋଧୀଙ୍କ ଅଭିଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି ଯେ ତାଙ୍କ ସରକାର ସମ୍ବିଧାନକୁ ସମ୍ମାନ କରନ୍ତି ଏବଂ ବାବାସାହେବ ଆମ୍ବେଦକର ମଧ୍ୟ ଏହାକୁ ଉଚ୍ଛେଦ କରିପାରିବେ ନାହିଁ।

ବାଡମେରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦି ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଦେଶ ବିରୋଧୀ ଶକ୍ତିଙ୍କ ସହ ଛିଡା ହୋଇଛି ଏବଂ ଦେଶକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବାରୁ ବିରୋଧୀ ବିଜେପିକୁ ଟାର୍ଗେଟ କରିଛି। ଦେଶର ସମ୍ବିଧାନ ବିଜେପି ସରକାର ପାଇଁ ସବୁକିଛି ଏବଂ ବାବାସାହେବ ଆମ୍ବେଦକର ନିଜେ ଆସିଲେ ମଧ୍ୟ ସେ ସମ୍ବିଧାନକୁ ଉଚ୍ଛେଦ କରିପାରିବେ ନାହିଁ



ବୋଲି ମୋଦି କହିଛନ୍ତି।

କଂଗ୍ରେସ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରି ସମ୍ବିଧାନକୁ ନଷ୍ଟ କରିବାକୁ ଚେଷ୍ଟା କରୁଛି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି। କଂଗ୍ରେସ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରି ସମ୍ବିଧାନକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲା ଏବଂ ଏବେ ମୋଦିଙ୍କୁ ଗାଳି ଗୁଲଜ କରିବା ପାଇଁ ସମ୍ବିଧାନ ନାଁରେ ଅପଚେଷ୍ଟା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସମ୍ବିଧାନ ସଂଶୋଧନ ପାଇଁ ଦଳକୁ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଦରକାର ବୋଲି ବିଜେପି ସାଂସଦ ଅନନ୍ତ କୁମାର ହେଗଡେ ଦେଇଥିବା ବୟାନ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଗତ ମାସରେ ଅଭିଯୋଗ କରିଥିଲେ ଯେ ନରେନ୍ଦ୍ର ମୋଦି ଏବଂ ବିଜେପିର ଅନ୍ତିମ ଲକ୍ଷ୍ୟ ହେଉଛି ବାବାସାହେବଙ୍କ ସମ୍ବିଧାନକୁ ନଷ୍ଟ କରିବା।

ବିଜେପି ହେଗଡେଙ୍କ ମନ୍ତବ୍ୟକୁ ବ୍ୟକ୍ତିଗତ ମତାମତ ବୋଲି କହି ତାଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଥିଲା। ଡକ୍ଟର ବିଆର ଆମ୍ବେଦକର ସମ୍ବିଧାନର ମୁଖ୍ୟ ସ୍ଥପତି ଥିଲେ। କାହାର ନାମ *(ପୃଷ୍ଠା ୭ରେ)*

# ଗୋଟିଏ ଭୋଟ୍ ପାଇଁ ଖର୍ଚ୍ଚ ହୋଇଥିଲା ୬୦ ଟଙ୍କା, ଏଥର କେତେ ?

**ନୂଆଦିଲ୍ଲୀ, ୧୨।୪**

ଲୋକସଭା ନିର୍ବାଚନକୁ ନେଇ ଏବେ ସାରା ଦେଶରେ ରାଜନୈତିକ ମାହୋଲ ସରଗରମ ରହିଛି । ଭାରତରେ ଲୋକସଭା ନିର୍ବାଚନରେ ହୋଇଥିବା ଖର୍ଚ୍ଚ ପ୍ରାୟତଃ ଆଲୋଚନା କରାଯାଇଥାଏ, କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଗୋଟିଏ ଭୋଟ ପାଇଁ ନିର୍ବାଚନ ଆୟୋଗ ୬୦ ଟଙ୍କା ଖର୍ଚ୍ଚ କରିଛନ୍ତି । ବାସ୍ତବରେ, ଏହି ସଂଖ୍ୟା ୨୦୧୯ରେ ଥିଲା ଯେତେବେଳେ ଆୟୋଗ ପ୍ରାୟ ୫୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଓ ୯୧ କୋଟି ଭୋଟର ନିର୍ବାଚନରେ ଭୋଟ ଦେଇଥିଲେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏଥର ଏହି ସଂଖ୍ୟା ବଢ଼ିପାରେ। ୧୯୫୨ ମସିହାରେ ଭାରତରେ ପ୍ରଥମ ଥର ପାଇଁ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଆୟୋଗଙ୍କୁ ଜଣେ ଭୋଟରଙ୍କ ପାଇଁ ୬ ପଇସା ଖର୍ଚ୍ଚ କରିବାକୁ ପଡିଥିଲା। ଆୟୋଗ ଏହି ଅର୍ଥ *(ପୃଷ୍ଠା ୭ରେ)*

DADLS-111








**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଓଡ଼ିଶାର ଭୂଗୋଳ ଓ ଇତିହାସରେ ଭୁବନେଶ୍ୱରର ବିଶେଷ ପରିଚୟ ଓ ପ୍ରତିଷ୍ଠା ରହିଛି। ଏଠାରେ ଆଧୁନିକ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା ହେବା ଫଳରେ ସମୃଦ୍ଧ ପରଂପରା ଓ ଐତିହ୍ୟ ଆହୁରି ପରିପୁଷ୍ଟ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ଘଟିଛି ସଂସ୍କୃତି, ପ୍ରକୃତି ଓ ପ୍ରଗତିର ଅନନ୍ୟ ସମନ୍ୱୟ।

ରାଜଧାନୀ ଭୁବନେଶ୍ୱରର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତ୍ୟେକ ନିଜ ନିଜ ସ୍ତରରେ ପ୍ରୟାସ କରିବାକୁ ମୁଁ ନିବେଦନ କରୁଛି।

(ରଘୁବର ଦାସ)



OIPR : 15001/13/0005/2425

# ଗୋଟିଏ ପଟେ ମିଶ୍ରଣପର୍ବର ଜୁଆର, ଅନ୍ୟପଟେ ଦଳୀୟ ପ୍ରାର୍ଥୀଙ୍କୁ ତୀବ୍ର ବିରୋଧ

**ଭୁବନେଶ୍ୱର, ୧୨।୪**

**ନ୍ୟୁଜ୍ ବ୍ୟୁରୋ**

ଗୋଟିଏ ପଟେ ମିଶ୍ରଣପର୍ବର ଜୁଆର ମାଡି ଚାଲିଥିବା ବେଳେ ଅନ୍ୟପଟେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରି ଅସନ୍ତୋଷ ଓ ପ୍ରତିବାଦର ସ୍ୱର ଲମ୍ବି ଚାଲିଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ଏବେ ପ୍ରମୁଖ ରାଜନୈତିକ ଦଳର ଘୋଷିତ ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଲେଣି। ଶାସକ ବିଜୁ ଜନତା ଦଳରେ ମିଶିବା ପାଇଁ ପ୍ରତିଦିନ ଅନ୍ୟ ଦଳର ବିଧାୟକ, ପୂର୍ବତନ ବିଧାୟକ, ନେତା ଓ କର୍ମୀ ଧାଡି ଲଗାଇଛନ୍ତି। 'ଶଙ୍ଖ ଭବନ'ରେ ଏଥିପାଇଁ ମିଶ୍ରଣପର୍ବ ଆୟୋଜିତ ହେଉଛି। ଅନ୍ୟପଟେ ପ୍ରମୁଖ ବିରୋଧୀ ଦଳ ବିଜେପିର ଘୋଷିତ ପ୍ରାର୍ଥୀଙ୍କୁ ବିରୋଧ କରି ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ଅସନ୍ତୋଷ ଓ ପ୍ରତିବାଦ ଜାରି ରଖିଛନ୍ତି। ଯାହାଫଳରେ ସଂପୃକ୍ତ ନିର୍ବାଚନ ମଣ୍ଡଳୀଗୁଡିକରେ ପ୍ରାର୍ଥୀଙ୍କ ପ୍ରଚାର ବସ୍ତୁତଃ ଠପ୍ ହୋଇଯାଇଛି ବା ଆରମ୍ଭ ହୋଇପାରି ନାହିଁ। ବାଲେଶ୍ୱର ଜିଲ୍ଲାରେ ସୋର ବିଧାନସଭା ନିର୍ବାଚନ ମଣ୍ଡଳୀ, କଟକ ଜିଲ୍ଲାର ବଡମ୍ବା ନିର୍ବାଚନ ମଣ୍ଡଳୀ, ଖୋର୍ଦ୍ଧା ଜିଲ୍ଲାର ଜୟଦେବ ନିର୍ବାଚନ ମଣ୍ଡଳୀ ସମେତ ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ଖୋଲାଖୋଲି ବିରୋଧ ପ୍ରଦର୍ଶନ କରାଯାଉଛି। ଏପରିକି ଶୁକ୍ରବାର ସୋର ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ଦଳୀୟ କର୍ମୀ ଓ ନେତାମାନେ ଦୃଢ ବିରୋଧ ଓ ପ୍ରତିବାଦ ଜଣାଇବାରୁ ସେ ନିର୍ବାଚନ ପ୍ରଚାର କରି ନପାରି ଫେରିଯାଇଥିବା ଜଣାପଡିଛି। ସେହିପରି ବଡମ୍ବାରେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରି ଆଶାୟୀ ପ୍ରାର୍ଥୀ ବିଜୟ ଦଳ ବେହେରା ତାଙ୍କ ସମର୍ଥକମାନେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନୁରୂପ ଭାବେ ଜୟଦେବ, ଖୋର୍ଦ୍ଧା, ଚିଲିକା, ବଲାଙ୍ଗୀର, ଝାରସୁଗୁଡା, ଧର୍ମଶାଳା ଓ ଅନ୍ୟ କେତେକ ନିର୍ବାଚନ ମଣ୍ଡଳୀରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରାଯାଉଛି। ଏଭଳି ଅବସ୍ଥାରେ ଘୋଷିତ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଆରମ୍ଭ ହୋଇପାରି ନଥିବା ଜଣାପଡିଛି।

ଅନ୍ୟପକ୍ଷରେ ବିକାଶ ପୁରୁଷ ନବୀନ ପଟ୍ଟନାୟକଙ୍କ ଓଡ଼ିଶା ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ଅନ୍ୟ ଦଳରୁ ନେତାମାନଙ୍କର ସୁଅ ଛୁଟିବାରେ ଲାଗିଛି। ପ୍ରତିଦିନ ନେତା ଓ କର୍ମୀମାନେ ବିଜେଡ଼ିରେ ସାମିଲ ହେଉଛନ୍ତି। ଏହି କ୍ରମରେ ପୂର୍ବତନ ବିଧାୟକ *(ପୃଷ୍ଠା ୭ରେ)*





# ନକଲି ସୁନା ଦେଇ ଠକି ନେଲେ ଲକ୍ଷେ ଟଙ୍କା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଓ ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେଲା ନକଲି ସୁନା ଦେଇ ଠକି ନେଉଥିବା ଲୋକଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ କଜଳା ଗ୍ରାମରେ । କଜଳା ଗ୍ରାମର ତେଜରାତି ଦୋକାନୀ ପ୍ରଶାନ୍ତ ସୂତାରଙ୍କ ନିକଟକୁ ଗତ ମାର୍ଚ୍ଚ ୧୭ ତାରିଖ ଦିନ ବାହାର ରାଜ୍ୟର ରାମଲାଲ ଏବଂ ଆଉ ଜଣେ ତାଙ୍କ ସହଯୋଗୀ ତାଙ୍କ ଦୋକାନକୁ ଆସି ବ୍ରିଟିଶ ଅମଳର (୧୮୯୦ ଓ ୧୯୦୬ ) ମସିହାର ପଇସା ଓ ସୁନା ଦେଖାଇ ତାଙ୍କୁ କହିଲେ ଯେ, ଆମେ ମୁଲିଆ କାମ କରୁଛୁ ମାଟି ଖୋଳିଲା ବେଳେ ଆମକୁ କିଛି ସୁନା ଓ କଏନ୍ ମିଳିଛି । ଏକଥା କହି ଶ୍ରୀ ସୂତାରଙ୍କୁ ସୁନା ଜିନିଷ ଦେଲେ । କହିଲେ ଏହାକୁ ପରୀକ୍ଷା କର । ସୂତାର ଜିନିଷକୁ ନେଇ ବଣିଆକୁ ଦେଖାଇବା ପରେ ଏହା ପ୍ରକୃତ ସୁନା ଜିନିଷ ବୋଲି ଜାଣିବାକୁ ପାଇଲେ । ସେ ସମୟରେ ତାଙ୍କ ପାଖରେ ଟଙ୍କା ନଥିବାରୁ ସେ ସୁନା ଜିନିଷ ରଖିପାରିଲେନାହିଁ । ପରେ ସୂତାର ରାମଲାଲାଙ୍କୁ ଫୋନ୍ କରି କହିଲେ ଯେ, ମୋ ପାଖରେ ଟଙ୍କା ଅଛି ମୋତେ ସୁନା ଜିନିଷ ଦିଅ । ରାମଲାଲା ତାଙ୍କୁ ଚଣ୍ଡିଖୋଲକୁ ଡକାଇ ସେଠାରେ ଲକ୍ଷେ ଟଙ୍କା ନେଇ ତାଙ୍କୁ ସୁନା ଜିନିଷ ଓ କଏନ୍ ଦେଲେ । ସୂତାର କେନ୍ଦ୍ରାପଡା ଆସି ଆଣିଥିବା ସୁନାକୁ ବଣିଆ ଦୋକାନରେ ଦେଖାଇବା ପରେ ସୁନା ଦୋକାନୀ କହିଲେ ଯେ ଏହା ନକଲି ସୁନା । ଲୋଭରେ ପରିଣତ ହୋଇ ସୂତାର ଏକ ଲକ୍ଷ ଟଙ୍କା ହରାଇବା ପରେ ଟାଉନ୍ ଥାନାରେ ଏତଲା ଦେଇଛନ୍ତି । ଥାନା ଅଧିକାରୀ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି ।

# ବୟାଙ୍ଗଡିହି ନାଏବ ସରପଞ୍ଚଙ୍କୁ ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ବୟାଙ୍ଗଡିହି ସରପଞ୍ଚ ଭାବେ ସମସ୍ତ କାର୍ଯ୍ୟ ତୁଲାଇବା ଲାଗି ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ର ଭଦ୍ରକ ଜିଲ୍ଲା ଓ ଦୌରାଜଜ୍ଙ୍କ ରାୟ ଆଧାରରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଗତ ମାର୍ଚ୍ଚ ୩୦ ତାରିଖରେ ଏକ ଚିଠି କରିଛନ୍ତି । ଉପଜିଲ୍ଲାପାଳ ପଞ୍ଚାୟତରେ ନୂଆ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ହେବାଯାଏ ସେ ଏହି ଦାୟିତ୍ୱ ତୁଲାଇବାକୁ ଚିଠିରେ କୁହାଯାଇଛି । ଏଣୁ ଯଥାଶୀଘ୍ର ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ବିଦାୟୀ ସରପଞ୍ଚ କୁନ୍ତଳା ମଲ୍ଲିକଙ୍କୁ କହିଛନ୍ତି । ଏ ସମସ୍ତ ପ୍ରକ୍ରିୟାକୁ ଯଥାଶୀଘ୍ର ସାରିବା ଲାଗି ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ଲେଖିଛି । ଓଡ଼ିଆ ଲେଖିପଢ଼ି ଜାଣିନଥିବାରୁ ବୟାଙ୍ଗଡିହିର ସରପଞ୍ଚ କୁନ୍ତଳା ମଲ୍ଲିକଙ୍କୁ ଧାମନଗର ଦେୱାନୀ ଅଦାଲତ ୨୦୨୩ ଅଗଷ୍ଟ ୩୧ ତାରିଖରେ ଅଯୋଗ୍ୟ ଘୋଷଣା କରିଥିଲେ । ଏହାସହ ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ସରପଞ୍ଚ ଭାବେ ଦାୟିତ୍ୱ ଦେବାକୁ ପଦକ୍ଷେପ ନେବା ଲାଗି ଭଦ୍ରକ ଉପଜିଲ୍ଲାପାଳ ଓ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଭଦ୍ରକ ଉପଜିଲ୍ଲାପାଳ ଏନେଇ ଏକ ବିଜ୍ଞପ୍ତି ଜାରି କରି ପଞ୍ଚାୟତର ନାଏବ ସରପଞ୍ଚଙ୍କୁ କ୍ଷମତା ହସ୍ତାନ୍ତର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ଧାମନଗର ବ୍ଲକ ପ୍ରଶାସନ ପଦକ୍ଷେପ ନେଇଥିଲେ । ହେଲେ ସରପଞ୍ଚ କୁନ୍ତଳା ମଲ୍ଲିକ ଧାମନଗର କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଭଦ୍ରକ ଜିଲ୍ଲା ଓ ଦୌରାଜଜ୍ଙ୍କ କୋର୍ଟରେ ଆବେଦନ କରିଥିଲେ । କୋର୍ଟ ଏହାର ଶୁଣାଣି କରି ୨୦୨୩ ସେପ୍ଟେମ୍ବର ୨୨ରେ ଧାମନଗର କୋର୍ଟଙ୍କ ରାୟ ଉପରେ ରହିତାଦେଶ ଦେଇଥିଲେ । ଫଳରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିଲାନାହିଁ । ଏହାସହ କୁନ୍ତଳା ପୁଣି ପୂର୍ବଭଳି ସରପଞ୍ଚ ଭାବେ କାର୍ଯ୍ୟ ସମ୍ପାଦନ କଲେ । ତେବେ ଗତ ମାର୍ଚ୍ଚ ୧୩ ତାରିଖରେ ଭଦ୍ରକ ଜିଲ୍ଲା ଓ ଦୌରାଜଜ୍ ଏହାର ଶୁଣାଣି କରି ରହିତାଦେଶକୁ ହଟାଇଥିଲେ । ଏହାସହ ଧାମନଗର ଦେୱାନୀ ଅଦାଲତ ଦେଇଥିବା ରାୟକୁ କାଏମ ରଖିଥିଲେ । ଧାମନଗର କୋର୍ଟଙ୍କ ରାୟ ଅନୁସାରେ କୁନ୍ତଳାଙ୍କୁ ଅଯୋଗ୍ୟ ଘୋଷଣା କଲେ କୋର୍ଟ । ଏହାସହ ପଞ୍ଚାୟତରେ ସାନି ନିର୍ବାଚନ କରିବା ଲାଗି ନିର୍ଦ୍ଦେଶ ଦେଲେ । ତେବେ ସାନି ନିର୍ବାଚନ ହେବା ଯାଏ ନାଏବ ସରପଞ୍ଚ ପଞ୍ଚାୟତର ସରପଞ୍ଚ ଭାବେ ସମସ୍ତ ଦାୟିତ୍ୱ ତୁଲାଇବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଥିଲେ । ଏବେ ଉପଜିଲ୍ଲାପାଳ କୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବା ଲାଗି ଧାମନଗର ବିଡିଓ, ବୟାଙ୍ଗଡିହି ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ଚିଠି କରିଛନ୍ତି ।

# ଜଂଘିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜଂଘିରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବିଚିତ୍ର କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡଃ ବିମ୍ବାଧର ବେହେରା ଯୋଗଦେଇ ଶିଶୁ ମନ୍ଦିରର ଶିକ୍ଷା ସହ ବୌଦ୍ଧିକ ଶାରୀରିକ ତଥା ସଂସ୍କାର ମୂଳକ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡଃ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଶିଶୁ ମନ୍ଦିରର ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଗୁରୁତ୍ୱ ଓ ପୂର୍ଣ୍ଣ ଶିକ୍ଷା ଦାନ ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବୈଜ୍ଞାନିକ ଗୋବର୍ଦ୍ଧନ ମହାନ୍ତ ଓ ଶିକ୍ଷା ବିକାଶ ସମିତି ଓଡ଼ିଶା କେନ୍ଦୁଝର ବିଭାଗ ନିରୀକ୍ଷକ ଜ୍ଞାନ ରଞ୍ଜନ ପାଢ଼ୀ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ମହାନ୍ତ ବାର୍ଷିକ ବିବରଣୀ ପଠନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ମେଧାବୀ ଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା । ସ୍କୁଲର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ସମସ୍ତ ଆଚାର୍ଯ୍ୟ ଅଚାର୍ଯ୍ୟା ଓ ସେବକ ସେବିକାମାନେ ସହଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# କଟିକଟା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରରେ ପ୍ରତିଷେଧକ ଟିକା ପ୍ରଦାନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିନରେ ଥିବା କଟିକଟା ପ୍ରାଣୀ ସହାୟତ କେନ୍ଦ୍ରରେ ପ୍ରଶାସନ ତରଫରୁ ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କେନ୍ଦ୍ରଟି ଗତ ୨୦୧୧ ମସିହାରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି କେନ୍ଦ୍ରରେ ଗତ ୨୦୧୯ ମସିହା ଠାରୁ ପ୍ରାଣୀ ଧନ ନିରୀକ୍ଷକ ରୂପେ ସୀତାଂଶୁ ଶେଖର ମହାପାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଶ୍ରୀ ମହାପାତ୍ର ନିରବଚ୍ଛିନ୍ନଭାବେ ସରକାରଙ୍କ କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟ ନିର୍ବାହ କରିବା ସହ ସ୍ଥାନୀୟ ଅଞ୍ଚଳର ପ୍ରାଣୀମାନଙ୍କୁ ନିୟମିତ ବୀମାକରଣ, ସବୁଜ ଘାସ ରୋପଣ, ସ୍ୱାସ୍ଥ୍ୟ ପରାମର୍ଶ ଇତ୍ୟାଦି କାର୍ଯ୍ୟକ୍ରମ କରିବା ସହିତ ଏମଭିୟୁ କ୍ୟାମ୍ପ ସମୟ ଅନୁସାରେ ସରକାରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରୁଥିବାର ଜଣାଯାଇଛି । ତାଙ୍କ ଦ୍ୱାରା ବାର୍ଷିକ ୬ ହଜାରୁ ଉର୍ଦ୍ଧ୍ୱ ଟିକା ପ୍ରାଣୀମାନଙ୍କୁ ପ୍ରଦାନ କରାଯିବା ସହ କୃତ୍ରିମ ପ୍ରଜନନ ତଥା ଉନ୍ନତମାନର ଶଙ୍କର ଜାତୀୟ ମାଇ ବାଛୁରୀ ଉତ୍ପାଦନ କରାଯିବା ନିମନ୍ତେ ଗୋପାଳକ ମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ତେବେ ଶ୍ରୀ ମହାପାତ୍ରଙ୍କୁ କଟିକଟା ପ୍ରାଣୀଧନ ନିରୀକ୍ଷକ ପଦବୀ ସହ ବାଲିଆପଦା ଖଣ୍ଡସାହି ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରର ଅତିରିକ୍ତ ଦାୟିତ୍ୱରେ ରଖାଯାଇଥିବାର ଜଣାଯାଇଛି । ତେବେ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ବହୁ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ରହିଥିବା କାରଣରୁ ଜଣେ ଜଣେ ପ୍ରାଣୀଧନ ନିରୀକ୍ଷକଙ୍କୁ ଏକାଧିକ ଅଞ୍ଚଳର ଦାୟିତ୍ୱ ଦିଆଯାଇଛି । ଖାଲିପଡିଥିବା ପ୍ରାଣୀଧନ ନିରୀକ୍ଷକ ପଦବୀ ଗୁଡିକୁ ତୁରନ୍ତ କରାଗଲେ ସ୍ଥାନୀୟ ଅଞ୍ଚଳର ପ୍ରାଣୀ ଚିକିତ୍ସା ସମସ୍ୟା ଦୂର ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଅହମଦାବାଦ୍‌ରୁ ଫିଜିଓଥେରାପୀ ଡ଼ିଗ୍ରୀ:ଗାଁ ଗାଁ ବୁଲି ଧୂପକାଠି ବିକ୍ରି କରୁଛନ୍ତି ଦୃଷ୍ଟିବାଧିତ

**ବ୍ରହ୍ମପୁର/ସାନଖେମୁଣ୍ଡି, ନ୍ୟୁଜ୍ ବ୍ୟୁରୋ**



ଇଚ୍ଛାଶକ୍ତି ଥିଲେ କିଛି ବି ସମ୍ଭବ । ଭିନ୍ନକ୍ଷମ ହେଲେ ବି ସକ୍ଷମ ବୋଲି ପ୍ରମାଣ କରିଛନ୍ତି ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ପଞ୍ଚାୟତ ଖୁଲଡ଼ି ଗ୍ରାମର ଦୃଷ୍ଟିବାଧିକ ଏମ୍.ଚନ୍ଦନ ଦୋରା (୨୮) । ସେ ଜନ୍ମରୁ ଦୃଷ୍ଟିଶକ୍ତି ହରାଇଛନ୍ତି ସତ, କିନ୍ତୁ ଜଣେ ସାଧାରଣ ବ୍ୟକ୍ତିଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ଏମ୍. ଚନ୍ଦନ । ସେ ଜଣେ ମେଧାବୀ ଛାତ୍ର । ବ୍ରହ୍ମପୁର ଆମ୍ବପୁଆ ରେଡ୍‌କ୍ରସ ସ୍କୁଲ ଫର ବ୍ଲାଇଣ୍ଡରେ ପାଠ ପଢ଼ି ଦଶମ ଶ୍ରେଣୀରେ ୭୫ ପ୍ରତିଶତ ମାର୍କ ପାଇଥିଲେ । ଭୁବନେଶ୍ୱର ବିଜେପି ଜୁନିୟର କଲେଜରେ ଯୁକ୍ତ ୨ ପଢ଼ିବା ପରେ ଫିଜିଓଥେରାପି ସ୍କୁଲ ଫର ଦ ବ୍ଲାଇଣ୍ଡ୍ ଅହମ୍ମଦାବାଦ୍ ଠାରେ ଅଧ୍ୟୟନ କରିଛନ୍ତି । ସେଠାରେ କିଛି ମାସ ଘରୋଇ କ୍ଲିନିକ୍‌ରେ କାମ କରିବା ପରେ ସାନ ଭାଇର ମୃତ୍ୟୁ ପରେ ବାପା ମାଆଙ୍କ ସାହାରା ପାଇଁ ଗାଁକୁ ଫେରିଯାଇଛନ୍ତି । ଅନ୍‌ଲାଇନ୍‌ରୁ ଧୂପକାଠି ପ୍ରସ୍ତୁତି ଜ୍ଞାନ କୌଶଳ ଜାଣିବା ପରେ ଘରେ ଧୂପକାଠି ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି । ସେ ଗାଁ ଗାଁ ବୁଲି ହାତ ତିଆରି ଅଗରବତୀ ବିକ୍ରି କରି ପରିବାର ଚଳାଉଛନ୍ତି । ବାପା ଓ ମାଆଙ୍କୁ ନେଇ ଚନ୍ଦନଙ୍କ ପରିବାର । ସାନ ଭାଇ ଗତ ବର୍ଷ ଆତ୍ମହତ୍ୟା କରିଥିବା ବେଳେ ଭଉଣୀ ବିବାହ କରି ଅନ୍ୟତ୍ର ରହୁଛି । ଏବେ କେବଳ ବୃଦ୍ଧ ବାପା ମାଆଙ୍କ ସାହାରା । ଚନ୍ଦନ ଘରେ ନିଜ ସାମର୍ଥ୍ୟ ଅନୁଯାୟୀ ଧୂପକାଠି ପ୍ରସ୍ତୁତ କଲା ପରେ ପ୍ୟାକିଂ କରିବାପାଇଁ ଦୁଇ ମହିଳାଙ୍କୁ ନିୟୋଜିତ କରିଛନ୍ତି । ଧୂପକାଠି ଧରି କୃତ୍ରିମ ଚକଲଗା ଗାଡ଼ିରେ ସାମଗ୍ରୀ ରଖି ଗଡ଼ାଇ ଗଡ଼ାଇ ଗାଁ ଗାଁ ବୁଲି ବିକ୍ରି କରୁଛନ୍ତି । ରାତି ହେଲେ କୋଠଘର, ମନ୍ଦିର, ବିଦ୍ୟାଳୟ ବାରଣ୍ଡାରେ ରାତ୍ରି ଯାପନ କରନ୍ତି । ସେହି ଚକଲଗା ଗାଡ଼ିରେ ତାଙ୍କର ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ରହିଥାଏ । ତେବେ ଚନ୍ଦନଙ୍କ ଠାରୁ ସମସ୍ତେ ଅତି ଆଦରର ସହିତ ଧୂପକାଠି କିଣନ୍ତି । ଏପରିକି ତାଙ୍କୁ କେହି କେହି ରାତ୍ରୀ ଭୋଜନ ଦିଅନ୍ତି । ତଥାପି ଚନ୍ଦନ ସାଙ୍ଗରେ ଗ୍ୟାସ ଚୁଲା, ସିଲିଣ୍ଡର ଓ ରନ୍ଧନ ସାମଗ୍ରୀ ଧରି ବୁଲନ୍ତି । ଏହି ଧୂପକାଠି ୟୁନିଟ୍ ବୃଦ୍ଧି ନିମନ୍ତେ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ଗଡିଜଙ୍ଗ କଳିଙ୍ଗ ମଡେଲ ହାଇସ୍କୁଲ ୧୯୮୪ ମାଟ୍ରିକ୍ ବ୍ୟାଚ୍ ପୁରତନ ଛାତ୍ର ଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ନଈଗୁଆଁ ସାଇ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବରେ କଳିଙ୍ଗ ମଡେଲ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ବ୍ୟାଚ୍‌ର ଦିବଙ୍ଗତ ଛାତ୍ରଛାତ୍ରୀ ସର୍ବଶ୍ରୀ ଦିଲୀପ କୁମାର ରାୟ, ଇନ୍ଦ୍ରମଣି ବୈଶାଖ, ଗୀତାଞ୍ଜଳି ଦାସ ଓ ମନସୁର ଅଲ୍ଲୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା । ଏହି ବନ୍ଧୁମିଳନ ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ସପରିବାର ଯୋଗଦାନ କରି ପରସ୍ପର ମଧ୍ୟରେ ବନ୍ଧୁତ୍ୱର ଭାବ ଆଦାନ ପ୍ରଦାନ କରିଥିଲେ । ଏହି ଅବସରରେ ଏକ ଭୋଜିଭାତର ଆୟୋଜନ କରାଯାଇଥିଲା । ଏହି ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ର ବୈକୁଣ୍ଠ ସୁତାର ନିତ୍ୟାନନ୍ଦ ନାୟକ, ତ୍ରିଲୋଚନ ସ୍ୱାଇଁ, ନିରଞ୍ଜନ ନାୟକ, ଦେବେନ୍ଦ୍ର ପୃଷ୍ଟି, ଶୁଭେନ୍ଦୁ ସୁତାର, ଭାଗିରଥି ମଲିକ, ଅବୁତାର ବେଗ, ସୁରେଶ ଚନ୍ଦ୍ର ଲାଲା, କାବେରୀ ସାହାଣି, ମିନତୀ ବେହେରା, ସୁଲୋଚନା ସ୍ୱାଇଁ, ଅନ୍ନପୂର୍ଣ୍ଣା କର, ପ୍ରତିମା ଶତପଥୀ, ପ୍ରଣତି ଶତପଥୀ, ପ୍ରଭାତ ନଳିନୀ ତ୍ରିପାଠୀ ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।



# କୁଡୁମୀ ଜାତିକୁ ପ୍ରତାରଣା ଅଭିଯୋଗ:ବରିଷ୍ଠ ନେତା ଛୋଟେଲାଲ ମହାନ୍ତଙ୍କ ବିଜେପିରୁ ଇସ୍ତଫା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିଜେପିର ବରିଷ୍ଠ ନେତା ଛୋଟେଲାଲ ମହାନ୍ତ, କୁଡୁମୀ ଜାତି ପ୍ରତି ବିଜେପି ପ୍ରତାରଣା କରୁଥିବାର ଅଭିଯୋଗ ଆଣି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଓଡ଼ିଶା ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ବିଜେପିର ବରିଷ୍ଠ ନେତା କୁଡୁମୀ ନେତା ଛୋଟେଲାଲ ମହାନ୍ତ ବିଭିନ୍ନ ସମୟରେ ଦଳୀୟ ପଦ ପଦବୀରେ ରହିବା ସହିତ ଦଳ ତାଙ୍କୁ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟରେ ଲଗାଇଥିଲା । ଭାରତୀୟ ଜନତା ପାର୍ଟିରୁ ତାଙ୍କର ଇସ୍ତଫା ପରେ ଜିଲ୍ଲାରେ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି । ଏନେଇ ଶୁକ୍ରବାର ବାରିପଦାର ମଧୁବନ ସ୍ଥିତ ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି ଛୋଟଲାଲ୍ । ଗତ ୩୮ ବର୍ଷ ଧରି ବିଜେପି ଦଳର ଜଣେ ଶୃଙ୍ଖଳିତ ସଭ୍ୟ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ବ୍ୟାପି ପ୍ରୟାସ କରିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ଦଳର ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ପ୍ରଚାରକ ଭାବେ ୧୯୮୦ ମସିହାରେ ନିଜର ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରିଥିଲେ ।



ବିଜେପି ଦଳର ବିଭିନ୍ନ ରାଜ୍ୟ ଓ ଜିଲ୍ଲା ସାଙ୍ଗଠନିକ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଛୋଟେଲାଲ ଦାୟିତ୍ୱରେ ରହିଥିଲେ । ସାଙ୍ଗଠନିକ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ନିର୍ବାହ କରିଥିବା ସତ୍ତ୍ୱେ ତାଙ୍କୁ ଦଳରେ ଉପେକ୍ଷା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ସେ ଜିଲ୍ଲାର ଜଣେ କୁଡୁମୀ ନେତା ଭାବେ ପରିଚିତ ଥିବା ବେଳେ ମୋରଡ଼ା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଆଶାୟୀ ରହିଥିଲେ କିନ୍ତୁ ଗତ ସାଧାରଣ ନିର୍ବାଚନରୁ ତାଙ୍କୁ ଟିକେଟ ପ୍ରଦାନ କରିବାରେ ଦଳ ଉପେକ୍ଷା କରିଛି । ଦୁଃଖ ପରିତାପର ବିଷୟ ଯେ ଓଡ଼ିଶାର ୪୦ ଲକ୍ଷ କୁଡୁମୀ (ମହାନ୍ତ) ସମାଜର କୌଣସି ବ୍ୟକ୍ତିଙ୍କୁ ବିଜେପି ପକ୍ଷରୁ ଚଳିତ ୨୦୨୪ ନିର୍ବାଚନରେ କୌଣସି ସ୍ଥାନରୁ ନିର୍ବାଚନ ଲଢ଼ିବାର ସୁଯୋଗ ଦିଆଗଲା ନାହିଁ ଯାହାକୁ ଛୋଟେଲାଲ ଦୃଢ଼ ଭାବରେ ବିରୋଧ କରି ନିଜର ଇସ୍ତଫା ପତ୍ର ରାଜ୍ୟ ସଭାପତି ମନ ମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଛନ୍ତି । ଦୁର୍ଭାଗ୍ୟର କଥା ଯେ ଓଡ଼ିଶାର ୧୪୭ଟି ବିଧାନସଭା ଆସନ ଥିଲେ ମଧ ଗୋଟିଏ ହେଲେ ଆସନରେ କୁଡୁମି ଜାତିକୁ ସୁଯୋଗ ଦିଆଗଲାନାହିଁ । ଯାହାକି ଗଣତନ୍ତ୍ରର ପୁରାମାତ୍ରାରେ ପରିପନ୍ଥୀ ଅଟେ । କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ ଏବଂ ଯାଜପୁର ଜିଲ୍ଲାରେ ବସବାସ କରୁଥିବା ୪୦ ଲକ୍ଷ କୁଡୁମୀ ଜନଜାତିର ଭାଇ ଭଉଣୀ ତଥା ଅଞ୍ଚଳରେ ବସବାସ କରୁଥିବା ସମସ୍ତ ପଛୁଆ ବର୍ଗର ଗଣତାନ୍ତ୍ରିକ ସୁରକ୍ଷା ପାଇଁ ଛୋଟଲାଲ ଆଜି ସହିଦ ରଘୁନାଥ ମହାନ୍ତଙ୍କ ତିରୋଧାନ ଦିବସରେ ଦଳର ସମସ୍ତ ପଦ ପଦବୀ ସମେତ ଭାରତୀୟ ଜନତା ପାର୍ଟିର ପ୍ରାଥମିକ ସଦସ୍ୟତାରୁ ମଧ ଇସ୍ତଫା ଦେଇଛନ୍ତି । ତେବେ ଆଗାମୀ ନିର୍ବାଚନରେ କୁଡୁମି ସମ୍ପ୍ରଦାୟର ଅଧିକାର ପାଇଁ ଛୋଟେଲାଲ ସବୁ ପ୍ରକାର ଚେଷ୍ଟା କରିବେ ବୋଲି କହିଛନ୍ତି ।

# ସୋନପୁରରେ ହିନ୍ଦୁ ନବ ବର୍ଷ ପାଳିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ସୋନପୁର ପକ୍ଷରୁ ହିନ୍ଦୁ ନବ ବର୍ଷ ଉତ୍ସବ ପାଳନ ହୋଇଛି । ଏହି କାର୍ଯ୍ୟକ୍ରମ ପ୍ରଥମେ ସଂଘର ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡଗାରଙ୍କ ଜନ୍ମତିଥି ଥିବାରୁ ପ୍ରଥମେ ଆଦ୍ୟାସର ସଂଘ ଚାଳକ ପ୍ରଣାମ ସ୍ୱୟଂସେବକ ଅତିଥି ମାନଙ୍କ ଦ୍ୱାରା ପରିଚୟ ପ୍ରଦାନ ପରେ ହିନ୍ଦୁ ନବବର୍ଷର କାର୍ଯ୍ୟକ୍ରମ ଦ୍ୱୀପ ପ୍ରଜ୍ୱଳନ କରି ଶୁଭ ଆରମ୍ଭ କରାଯାଇଥିଲା । ସୋନପୁର ରାଜ କଲେଜର ଦୁଇ ଅଧ୍ୟାପକ ଦେବେନ୍ଦ୍ର ପଧାନ, କୈଳାଶ ଚନ୍ଦ ଏବଂ ସଂଘର ଜିଲ୍ଲା ସହ ପରିଚାଳକ ଜୟଦ୍ରଥ ଜଗଦଲା ନୂଆଁ ବର୍ଷର ମହତ ଏବଂ ଇତିହାସକୁ ଉପରେ ଦୁଇ ଅଧ୍ୟାପକ ସୁନ୍ଦର ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତ ଦର୍ଶକ ମାନଙ୍କୁ ବିମୋହିତ କରିଦେଇଥିଲା । ଏହି କାର୍ଯ୍ୟକ୍ରମରେ ସୋନପୁର ନଗରର ଅନେକ ଆଧାତ୍ମିକ, ସାମାଜିକ ସଂଗଠନ ଶତାଧିକ ଦର୍ଶକ, ସ୍ୱୟଂ ସେବକ ଯୋଗଦାନ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହିନ୍ଦୁ ନବବର୍ଷ ପାଳିତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଗୁରୁଜୀ ସତ୍ୟ ନାରାୟଣ ପ୍ରଧାନ ଅତିଥି ପରିଚୟ ଦେଇଥିବା ବେଳେ ଗୁରୁମା ସଂଗୀତା ପରିଡା କୃତଜ୍ଞତା ଜ୍ଞାପନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଜୟକୃଷ୍ଣ ତ୍ରିପାଠୀ (ମୁଖ୍ୟ ଅତିଥି), ଅନୁଷ୍ଠାନର ସଭାପତି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ଦିଗମ୍ବର ମହାଙ୍କୁଡ, ମହେନ୍ଦ୍ର କୁମାର ସେନାପତି, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ହିନ୍ଦୁ ନବବର୍ଷର ବ୍ରହ୍ମଙ୍କ କାଳ ଗଣନା, ରାମଚନ୍ଦ୍ରଙ୍କ ସିଂହାସନ ଆରୋହଣ ସମେତ ହିନ୍ଦୁ ନବବର୍ଷ ଓ ଇଂରାଜୀ ନବବର୍ଷର ପ୍ରଭେଦ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ଶିବିରକୁ ପରିଚାଳନା ସହଯୋଗ କରିଥିଲେ ଗୁରୁଜୀ ରିଣ୍ଟୁ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ରବୀନ୍ଦ୍ର କୁମାର ମହାରଣା, ବି. ପ୍ରକାଶ ପାତ୍ର, ଗୁଣାକାର ତ୍ରିପାଠୀ, କୈଳାଶ ଚନ୍ଦ୍ର ନାୟକ, ଗୁରୁମା ରୀନା ମାନସିଂହ, ରଶ୍ମିତା ତରାଇ, ପ୍ରଭାସିନୀ ତରାଇ, ରଶ୍ମିତା ବେହେରା, ପ୍ରସନ୍ନ ବେହେରା, କିରଣ ମାଳା ସାହୁ, ମୀନାରାଣୀ ଦାସ, ଶର୍ମିଳା ଗୌଡ଼, ପ୍ରିୟଙ୍କା ସ୍ୱାଇଁ, ପାର୍ବତୀ ନାହାକ, ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ପ୍ରିୟଙ୍କା ପାଣିଗ୍ରାହୀ, କୁନି ଗୌଡ ।

# ଜିଲ୍ଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର:୬୫୦ ୟୁନିଟ୍ ରକ୍ତ ସଂଗ୍ରହ କରି ସୋନପୁରର ରେକର୍ଡ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଅବସର ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ସୁବର୍ଣ୍ଣପୁର ଏସପି ୟସ ପ୍ରତାପ ଶ୍ରୀମାଲ ଶୁଭ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅତିରିକ୍ତ ଏସପି ବିରେନ୍ଦ୍ର କୁମାର ନାୟକ, ରକ୍ତଦାତା ମନୋଜ ପଣ୍ଡା, ମହିଳା ପୋଲିସ କର୍ମଚାରୀ ଅର୍ପିତା ପଟ୍ଟନାୟକ, ବିଶ୍ୱବନ୍ଦିତା ପଟ୍ଟନାୟକ, ସୁଭାଷିନୀ ପଧାନ, ଶୁଭଶ୍ରୀ ଦାଶ, ସଂଗୀତ ପାତ୍ର, ସନ୍ଧ୍ୟା ବାଗ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ରକ୍ତଦାତା ରକ୍ତଦାନ କରି ଏସପି ଶ୍ରୀ ଶ୍ରୀମାଲଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିଲେ । ସୋନପୁରର ବିଶିଷ୍ଟ ବ୍ୟବସାୟୀ ତ୍ରିଲୋଚନ ପାଣିଗ୍ରାହୀ ଓ ତାଙ୍କ ଧର୍ମପତ୍ନୀ ଅଞ୍ଜଳି ପାଣିଗ୍ରାହୀ ଏହି ଶିବିରରେ ପ୍ରଥମେ ରକ୍ତଦାନ କରିବା ସହ ନୂଆଁ ରକ୍ତଦାତା ମାନଙ୍କୁ ଓ ମହିଳା ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ । ପୋଲିସ କନେଷ୍ଟବଳ ସଂଘ ସଭାପତି ଦିନେଶ ମିଶ୍ର, ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା, ହାବିଲଦାର ସନ୍ତୋଷ ପାତ୍ର, ଏସପି ଷ୍ଟେନୋ କୃତିବାସ ମିଶ୍ର ପ୍ରମୁଖ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ପ୍ରକାଶଥାଉ କି ଯେ ବିଗତ ଦୁଇ ବର୍ଷରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଆମ ପୋଲିସ ବ୍ୟବସ୍ଥା ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ସମସ୍ତ ଥାନା ଓ ଫାଣ୍ଡିରେ ଅନେକ ରକ୍ତଦାନ ଶିବିର ସବୁ ଆୟୋଜନ କରି ଦିନକରେ ସୋନପୁର ଥାନାରେ ୩୬୪ ୟୁନିଟ, ଉଲୁଣ୍ଡା ଥାନାରେ ୫୦୯ ୟୁନିଟ, ଡୁଙ୍ଗୁରିପାଲି ଥାନାରେ ୫୨୩ ୟୁନିଟ ଓ ସୋନପୁର କଲେଜରେ ଦିନକରେ ୬୦୫ ୟୁନିଟ ରକ୍ତ ସଂଗ୍ରହ କରି ଜିଲ୍ଲାରେ ରେକର୍ଡ ସୃଷ୍ଟି କରିବା ସହିତ ରାଜ୍ୟ ପୋଲିସ ବିଭାଗର ସୁନାମ ଅର୍ଜନ କରିଛି । ଜିଲ୍ଲାରେ ରକ୍ତ ଅଭାବର ସଙ୍କଟ ବେଳେ ଜିଲ୍ଲା ପୋଲିସ ରକ୍ତ ଦାନ ଶିବିର ଆୟୋଜକ ପୋଲିସ କର୍ମଚାରୀ ମନୋଜ ପଣ୍ଡାଙ୍କ ସଂଯୋଜନାରେ ସ୍ୱଚ୍ଛ ଭାରତ ସଙ୍ଗଠନ, ସୋନପୁର କଲେଜ ଓ ଏନସିସି, ବିଜୁ ପଟ୍ଟନାୟକ ମହିଳା କଲେଜ, ଯଶୋଦା ଦେବୀ ନର୍ସିଂ ସ୍କୁଲ, ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର ସହାୟତା ନେଇ ସୁବର୍ଣ୍ଣପୁର ଜିଲ୍ଲା ତଥା ପାଖ ପଡ଼ୋଶୀ ଜିଲ୍ଲାରେ ଦେଖାଦେଇଥିବା ରକ୍ତର ଘୋର ଅଭାବକୁ ସମ୍ପୂର୍ଣ୍ଣ ଦୂର କରିପାରିଛି । ସୋନପୁର ପୋଲିସର ଏହି ମହତ ସେବା କାର୍ଯ୍ୟକୁ ଜାରି ରଖିବାକୁ ଜିଲ୍ଲା ପୋଲିସକୁ ବୁଦ୍ଧିଜୀବୀମାନେ ନିବେଦନ କରିଛନ୍ତି ।




# ନରଣପୁର ବିର୍ସାମୁଣ୍ଡା କ୍ଲବ ପକ୍ଷରୁ ବାର୍ଷିକ ବାଆ ପରବ ପାଳିତ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ସ୍ଥିତ ମାଟିଆଲ ସାହିରେ ଗଣ୍ଡୁ ମାର୍ଶଲ ହୋ ସମାଜ ବିର୍ସା ମୁଣ୍ଡା କ୍ଲବ ପକ୍ଷରୁ ବାର୍ଷିକ ବାଆ ପରବ ପାଳିତ ହୋଇଯାଇଛି । କ୍ଲବର ଉପ ସଭାପତି ଜଗନ୍ନାଥ ବାଲମୁଚୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କ୍ଲବର ସଭାପତି ବିଜୟ କୁମାର ମୁଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଟିଡିଏର ଅବସରପ୍ରାପ୍ତ ସ୍ୱତନ୍ତ୍ର ଅଧିକାରୀ ତଥା ବିର୍ସା ମୁଣ୍ଡା ହୋ ସମାଜର ଉପଦେଷ୍ଟା ଜୀବନସିଂ ମୁଣ୍ଡା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥିମାନେ ହୋ ସମାଜରେ ଶିକ୍ଷା ଓ ଅର୍ଥନୈତିକ ଉନ୍ନତି ତଥା ହଜିଯାଉଥିବା ଭାଷା ଓ ପରମ୍ପରାର ପୁନଃରୁଦ୍ଧାର, ଅନ୍ଧବିଶ୍ୱାସ ଦୂରୀକରଣ, ନିଶା ନିବାରଣ, ବାଲ୍ୟ ବିବାହ ଉଚ୍ଛେଦ, ଦାଦନ ଶ୍ରମିକ ନିରାକରଣ ଉପରେ ଆଲୋଚନା କରିଥିଲେ । ସମାଜର ଲୋକଙ୍କ ଭିତରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସଚେତନା ସୃଷ୍ଟି କରାଯାଇଛି । ସମ୍ମାନୀତ ଅତିଥିଭାବେ ଏହି ସଭାରେ ଚମ୍ପୁଆ ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ଅବସରପ୍ରାପ୍ତ ସେନା କର୍ମଚାରୀ ଜୟରାମ ବାଙ୍କିରା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସୁନିଲ କୁମାର ସାମାଦ ସଞ୍ଚାଳନ କରିଥିଲେ । ଏହି ବାର୍ଷିକ ବାଆ ପରବ ଉତ୍ସବରେ ୧୫ଟି ଗ୍ରାମର ହୋ ସମ୍ପ୍ରଦାୟର ନାଚଗୀତ ଏବଂ ଆଧୁନିକ ରେକର୍ଡ ଡ୍ୟାନ୍ସ ଗ୍ରୁପ ଯୋଗ ଦେଇଥିଲେ । ଏହି ଦଳରେ ପ୍ରଥମ ହୋଇଥିବା ଦଳକୁ ୧୦ ହଜାର, ଦ୍ୱିତୀୟକୁ ୭ ହଜାର ଟଙ୍କା, ତୃତୀୟ ଦଳକୁ ୫ ହଜାର ଟଙ୍କା ଏବଂ ସାନ୍ତ୍ୱନା ମୂଳକ ଭାବେ ୫ ଜଣ ପ୍ରତିଯୋଗୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ଚାମ୍ପିଆ, ମହେଶ୍ୱର ବାଲମୁଚୁ, ଜଗନ୍ନାଥ ବାଲମୁଚୁ, ମୁକୁନ୍ଦ ଚରଣ ବାନସିଂ, କୁନା ପୂର୍ତ୍ତୀ, ମଙ୍ଗଳ ମୁଣ୍ଡା, ବେବିରାଣୀ ବାନସିଂ, ଲତା ମୁଣ୍ଡା, କ୍ଷେତ୍ରବାସୀ ମୁଣ୍ଡା, ରଣଜିତ ମୁଣ୍ଡା, ସାବିତ୍ରୀ ବାଲମୁଚୁ, ମଧୁ ମୁଣ୍ଡା ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

# ନିର୍ଝରିଣୀ ଆନୁକୂଲ୍ୟରେ ପତ୍ରିକା ଉନ୍ମୋଚନ, କବିତା ପାଠ ଓ ସମ୍ବର୍ଦ୍ଧନା ସଭା



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖାର ମିଳିତ ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ହିନ୍ଦୁ ନବବର୍ଷ ଅବସରରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିର୍ଝରିଣୀର ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମହନ୍ତ ମହାରାଜ ବାବା ଅଦ୍ୱୈତଚରଣ ଦାସ ମୁଖ୍ୟ ଅତିଥି, ଶିଶୁ ସାହିତ୍ୟିକା ସୁଶ୍ରୀ ସବିତା ଭୋଇ ମୁଖ୍ୟବକ୍ତା, ଈଶ୍ୱର ଚନ୍ଦ୍ର ଖମାରୀ, ଡ.ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା, ସହ ସମ୍ପାଦିକା ଅଞ୍ଜଳି ମାଝୀ ସ୍ୱାଗତ ଭାଷଣ, ଉପସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ମାଁ ସରସ୍ୱତୀ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ତାପରେ ହିନ୍ଦୁ ନବବର୍ଷ ଓ ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ଜନ୍ମଦିନ ପାଳନ କରାଯାଇଥିଲା । ଏହି ଅବସରରେ ପୋଡପିଠା ଓ ଚକୁଳି ବଣ୍ଟନ କରାଯାଇଥିଲା । ବିରଞ୍ଚି ନାରାୟଣ ଦାଶଙ୍କ ଦ୍ୱାରା ସମ୍ପାଦିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ମମତାର ଡୋରି ଓ ସୁଶ୍ରୀ ସବିତା ଭୋଇଙ୍କ ଶିଶୁ କବିତା ସଂକଳନ ଆକାଶକୁ ଯା'ଛୁଇଁ ଉନ୍ମୋଚିତ ହୋଇଥିଲା । ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଦାବ୍ରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଞ୍ଜୁଲତା ଧରୁଆ ଓ ଶ୍ରୀ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ, ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତାପରେ କବି ଅନ୍ତର୍ଯ୍ୟାମୀ ବରିହା, ଦୀନବନ୍ଧୁ ବଗର୍ତ୍ତୀ, କୁଞ୍ଜବିହାରୀ ବେହେରା, ନରେନ୍ଦ୍ର ସୁନା, ଥମିର ଛତ୍ରିଆ, ନିରୁପମା ମିଶ୍ର, ଅଞ୍ଜଳି ମାଝୀ, ପୂର୍ଣ୍ଣିମା ଖମାରୀ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମମତା ପଣ୍ଡା, ଯୁବରାଜ ମେହେର, ଦାମୋଦର ସାହୁ, ରାଜେନ୍ଦ୍ର ସାହୁ, ଡା. ଜଗନ୍ନାଥ ଦାସ ଠାକୁର, କିଶୋର ବରିହା, କୁଳଦୀପ ସାହୁ, ଶଶୀଧର ନିଆଲ, ଶିଶୁ ମନ୍ଦିରର ପ୍ରାଧାନ ଶିକ୍ଷକ ଓ କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ ।

# ମାଗଣା ରୋଗୀ ସେବା କରୁଥିବା ଡାକ୍ତରଙ୍କ ପରଲୋକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଇଛାପୁର ଗ୍ରାମର ଜଣାଶୁଣା ହୋମିଓପାଡି ଚିକିତ୍ସକ ଡାକ୍ତର ରାଜେନ୍ଦ୍ର କୁମାର ସାହୁଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ସାହୁ ଦୀର୍ଘ ବର୍ଷ ହେଲା ପୁରୁଣା ବସ୍‌ଷ୍ଟାଣ୍ଡରେ ଏକ କ୍ଲିନିକ୍ ଖୋଲି ରୋଗୀ ସେବା କରି ଆସୁଥିଲେ । ଗତ କିଛିଦିନ ହେଲା ସେ ଗୁରୁତର ରୋଗରେ ପୀଡିତ ହୋଇ ଚିକିତ୍ସିତ ଅବସ୍ଥାରେ ଥିଲେ । ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ପରଲୋକ ଖବର ପାଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ନଗରପାଳ ଧିରେନ କୁମାର ସାହୁ, ମହମ୍ମଦ ଆକବର ଅଲ୍ଲୀ, କାଉନସିଲର ହିରଣ୍ୟ ପଣ୍ଡା, କାଳୀ ପ୍ରସାଦ ମିଶ୍ର, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ ।

# ନଡ଼ିଆ ବାଡ଼େଇ ପୋଲ ନିର୍ମାଣର ଶୁଭାରମ୍ଭ କଲେ ଗ୍ରାମବାସୀ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ବହୁ ଅପେକ୍ଷାର ଅନ୍ତ ଘଟିଛି । ଜଇପୁର-କଟିକଟା କୃଷ୍ଣାନନ୍ଦପୁର ଠାରେ ମହାନଦୀ ଉପରେ ୬୦ କୋଟି ଟଙ୍କା ବ୍ୟୟ ବରାଦରେ ଦୁଇ କିଲୋମିଟରରୁ ଉର୍ଦ୍ଧ୍ୱ ପୋଲକୁ ଜନସାଧାରଣଙ୍କ ଯାତାୟାତ ନିମନ୍ତେ କୃଷ୍ଣାନନ୍ଦପୁର ପଞ୍ଚାୟତବାସୀ ନଡ଼ିଆ ବାଡେଇ ଫିତା କାଟି ଶୁଭାରମ୍ଭ କରିଥିଲେ । ନିର୍ବାଚନ ଆଚରଣବିଧି ଲାଗିଥିବାରୁ ସରକାରୀ ସ୍ତରରେ ଉଦ୍‌ଘାଟନ ହୋଇନଥିବାବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଶୁଭାରମ୍ଭ କରାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ କହିଥିଲେ । କୃଷ୍ଣାନନ୍ଦପୁର ପଞ୍ଚାୟତ, ବିଷନପୁର ପଞ୍ଚାୟତ, କନିମୁଳ ପଞ୍ଚାୟତର ଅଧିବାସୀମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି । କଟକ-ପାରାଦ୍ୱୀପ ରାସ୍ତା ଜଇପୁର ସମେତ



କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାକୁ ପୋଲ ହେବାଦ୍ୱାରା ଗମନାଗମନ, ଶିକ୍ଷା ବାଣିଜ୍ୟ କ୍ଷେତ୍ରରେ ସହାୟ ହେବ ବୋଲି ଜନସାଧାରଣମାନେ ମତ ରଖିଥିଲେ । କୃଷ୍ଣାନନ୍ଦପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ହାଜିଶେଖ କଲ୍ଲୀମୁଲ୍ଲା, ମେହବୁବ ବେଗ, ଆଲୋକ ଦାସ, ମିର କଲିମ ଉଦ୍ଦିନ, ଶେଖ ବରକତ ଅଲ୍ଲୀ, ବିଷ୍ଣୁଚରଣ ଦାସ, ବିଚିତ୍ରାନନ୍ଦ ସାହୁ, ବସନ୍ତ ମହାପାତ୍ର, ଅଜୟ ଖଟୁଆ, ନିର୍ମଳ ଜେନା, ସୁବାଷ ବେହେରା, ଗାଲେଖ ସାହୁ, ସନାତନ ଦଳାଇ, ବିପିନ ସାହୁ, ଶେଖ ନୟିମ ଉଦ୍ଦିନ, ଶେଖ ସକୀର ଅଲ୍ଲୀ, ମିର୍ଜା କୟାମ ବେଗ, ସେକ ସମସୁଦ୍ଦିନ, ସେକ ଅସଲାମ, ପ୍ରଭାକର ବାରିକ, ତପନ ସାମଲ, ସେକ ସବୀର ମହମଦ, ଦିଲ୍ଲୀପ ମହାନ୍ତି, ସେକ ଅବୁକଲାମ, ସେକ ସଲିମ, ଶେଖ ରମଜାନ ଅଲ୍ଲୀ, ପ୍ରଶାନ୍ତ ସ୍ୱାଇଁ, ଦିଲ୍ଲୀପ ମହାନ୍ତି, ମନୋହର ଅଲ୍ଲୀ, ଶେଖ ଆଲ୍ଲା ଉଦ୍ଦିନ, ଶେଖ ଫାଲ୍ଲା ଉଦ୍ଦିନ, ଶେଖ ସଲ୍ଲା ଉଦ୍ଦିନଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହିଥିଲେ । ଏହି ପୋଲ ହେବାଦ୍ୱାରା ଅଞ୍ଚବାସୀଙ୍କ ଖୁସିରେ ଲହରୀ ଖେଳିଯାଇଥିଲା । ଜଇପୁର - କଟିକଟା ପୋଲ ହେବାଦ୍ୱାରା କୃଷ୍ଣାନନ୍ଦପୁର ଓ ଜଇପୁର ବଜାରରେ ବ୍ୟବସାୟ ପେଣ୍ଠସ୍ଥଳୀ ପାଲଟିବ ବୋଲି ଜନସାଧାରଣ ମତ ରଖିଥିଲେ । ଏହା ସହିତ ଏହି ପୋଲ ନିର୍ମାଣ ହେବାଦ୍ୱାରା ଜନସାଧାରଣମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂସଦ ଡ଼ଃ ରାଜଶ୍ରୀ ମଲ୍ଲିକ, ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

30 YEARS
ସମ୍ବାଦ କଳିକା

# ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ

ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି।

ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଟ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି।

ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି।

ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

## ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ବର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ–୪୦

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜପୁତ୍ର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ପିତାମହଙ୍କ ଅନ୍ତିମ ଭାଷଣ

ପୂର୍ବ ଗୀତମାନଙ୍କରେ ସୂଚିତ କରାଯାଇଛି ଯେ ସୋମା-କୌଣ୍ଡିନ୍ୟଙ୍କ ବିବାହ ନିମନ୍ତେ ଶେଷ ନିଷ୍ପତ୍ତି ଦେବାପାଇଁ ପାତାଳପୁରରେ ସେମାନଙ୍କ ନିକଟ ସମ୍ବନ୍ଧୀମାନଙ୍କ ସଭାରେ ସୋମାଙ୍କ ପିତାମହ ତଥା ପାତାଳପୁରର ରାଜା ସମସ୍ତଙ୍କୁ କୌଣ୍ଡିନ୍ୟଙ୍କ ବିଷୟରେ କହିଥିଲେ ଓ ତାଙ୍କ ଅନୁରୋଧ କ୍ରମେ କୌଣ୍ଡିନ୍ୟ ତାଙ୍କ ଜନ୍ମସ୍ଥାନ ଆଦି ବିଷୟରେ ଏକ ଭାବପୂର୍ଣ୍ଣ ଅଭିବ୍ୟକ୍ତି କରିଥିଲେ ଯାହା ସେମାନଙ୍କ ଜ୍ଞାତିଜନଙ୍କ ଦ୍ୱାରା ଆଦୃତ ହୋଇଥିଲା। ସେମାନଙ୍କ ସ୍ୱୀକୃତି ନେଇ ପିତାମହ ଯେଉଁ ଅନ୍ତିମ ଭାଷଣ ଦେଇ ଉଭୟଙ୍କ ବିବାହ ସ୍ଥିର କଲେ ତାହା ଏ ଗୀତରେ ଉପସ୍ଥାପିତ କରାଯାଇଛି। ଏହି ଗୀତଟିର ସୌନ୍ଦର୍ଯ୍ୟବୋଧତା ଏହି ଯେ ସମସ୍ତ ପଦର ସମସ୍ତ ଧାଡ଼ି 'ମ' ଅକ୍ଷରରେ ଆରମ୍ଭ ହୋଇଛି। ତତ୍ ସଂଗେ ସଂଗେ ସମସ୍ତ ପଦର ପ୍ରଥମ ଓ ତୃତୀୟ ଧାଡ଼ିର ଦ୍ୱିତୀୟ ଅର୍ଦ୍ଧାଂଶ ମଧ୍ୟ 'ଅ/ଆ' ଅକ୍ଷରରେ ଆରମ୍ଭ ହୋଇଛି।

ମର୍ମସ୍ପର୍ଶୀ ମଧୁମୟ ଆହେ ମହାବୀର
ମଧୁମୟ ତ କରିଦେଲ
ମନ ମୋହି ଆମ୍ଭ ଆଣିଲ ଆନନ୍ଦ
ମାନସ ପଟେ ବସିଗଲ ।।ଘୋଷା।।

ମୋ ଜ୍ଞାତିଜନଙ୍କ ଆଖିରେ ତୁମେ ତ
ମହନୀୟ ଗଲଣି ହୋଇ
ମୁଁ ଅବା କିପରି ଅମାନ୍ୟ କରିବି
ମତ ଭିନ୍ନ ତାଙ୍କଠୁଁ ଦେଇ ।।୧।।

ମାତା ମାଟି ତୁମ୍ଭ ଅଟଇ ମହାନ୍
ମହାନ୍ ଅଟ ତୁମେ ବୀର
ମହତ୍ ଗୁଣରେ ଆମ୍ଭେମାନେ ସର୍ବେ
ମନେ କରୁଛୁ ନ୍ୟୁନତର ।।୨।।

ମାନ ଯଶ ଖ୍ୟାତି ଆଦି ସବୁ ଦିଗେ
ମହାନତା ଆମ୍ଭେ ଲଭିବୁ
ମହାନ୍ ଜାମାତା ଆମ୍ଭ କମ୍ବୁଜରେ
ମହାରାଜ ବୋଲି ଶୁଣିବୁ ।।୩।।

ମନାସୁଛି ଯଶ ଆଶୀର୍ବାଦ ଦେଇ
ମୋ ପୌତ୍ରୀକୁ କରି ବିବାହ
ମହିମା ବିସ୍ତାର ଅଖିଳ ବିଶ୍ୱରେ
ମଧୁମୟ ଜୀବନ ସହ ।।୪।।

ମତାମତ ନେଇ ଆମ୍ଭ ଜ୍ୟୋତିଷଙ୍କ
ମାସ ଏକେ ପାଣିଗ୍ରହଣ
ମଙ୍ଗଳ ମୁହୂର୍ତ୍ତେ ଅନୁଷ୍ଠିତ ହେବ
ମହାଡ଼ମ୍ବରେ ସମାପନ ।।୫।।

ମୋର ହେଲ ତୁମ୍ଭେ ଆତ୍ମୀୟ ସ୍ୱଜନ
ମନୋନିବେଶି ତେଣୁ ଶୁଣ
ମୋ ବଂଶ ବିଷୟେ ଅଳ୍ପ କହୁଅଛି
ମନେ ଭାବିବ ନାହିଁ ଅନ୍ୟ ।।୬।।

ମନୁଙ୍କଠୁଁ ଜାତ ଆମ୍ଭେ ତୁମ୍ଭେ ସର୍ବେ
ମାନବ ନାମେ ପରିଚିତ
ମାତ୍ର ବଂଶ ଭିନ୍ନ ଆମ୍ଭେ ହେଲେ ମଧ
ମୂଳ ଏକ ସ୍ଥାନେ ଚିହ୍ନିତ ।।୭।।



ମହର୍ଷି କଶ୍ୟପ ଆଉ ଏକ ମତେ
ମିଳି ବହୁ ପତ୍ନୀ ସଂଗତ
ମନୁଷ୍ୟମାନଙ୍କୁ ଆଣିଲେ ଧରାକୁ
ମାନବ ସମାଜ ଗଠିତ ।।୮।।

ମହର୍ଷି କଶ୍ୟପ ଆମ୍ଭ ସର୍ବ ପିତା
ମାତା କଦ୍ରୁ ନାଗବଂଶୀଙ୍କ
ମାନବ ଅନ୍ୟ ଯେ ଅନ୍ୟ ମାତାଙ୍କର
ମନୁଷ୍ୟ ମଧେ ଏ ସଂପର୍କ ।।୯।।

ମଧୁର ସଂପର୍କେ ଆମ୍ଭେ ସବୁ ବନ୍ଧା
ମହିପରେ ଏକ ରକ୍ତର
ମାନିବୁ ତୁମ୍ଭକୁ ଆମ ବଂଶୀ ଯଦି
ମହାନଂଦେ ତୁମେ ସ୍ୱୀକାର ।।୧୦।।

ମାନୁଛୁ ନାଗଙ୍କୁ ଆମ୍ଭେ ଇଷ୍ଟଦେବ
ମାତୃବଂଶିକ ଆମ ପ୍ରଥା
ମୋର ବିନତି ଯେ ଅସ୍ତି ବଚନରେ
ମାନିନେବ ମୋର କଥା ।।୧୧।।

ମହାବୀର ଶୁଣି ଅନୁରୋଧ ବାଣୀ
ମନାନଂଦେ ଦେଲେ ବଚନ
ମ ଅ ଆ ଅକ୍ଷର ଆଦ୍ୟ ଅଂଶେ ରଖି
ମୁଁ ଲେଖିଲି ଦୁର୍ଗାଚରଣ ।।୧୨।।

**ଶବ୍ଦାର୍ଥ**

**ଘୋଷାରୁ ପଦ (୬) :** ସଂଭାଷଣ-ବକ୍ତବ୍ୟ। ମହନୀୟ-ବଡ଼। ମାତାମାଟି-ଜନ୍ମ ଓ ଜନ୍ମସ୍ଥାନ। ନ୍ୟୂନତର-ଛୋଟ। ଜାମାତା-ଜ୍ୱାଇଁ। ପୌତ୍ରୀ-ନାତୁଣୀ। ପାଣିଗ୍ରହଣ-ବିବାହ। ମନୋନିବେଶି-ମନଦେଇ।

**ପଦ (୭)ରୁ (୧୨) :** ମନୁ-ହିଂଦୁ ଶାସ୍ତ୍ରରେ ମନୁଙ୍କୁ ସମସ୍ତଙ୍କ ପ୍ରଥମ ପିତା ବୋଲି କୁହାଯାଏ। ସଂଗତ-ସହିତ। କଦ୍ରୁ-ଦକ୍ଷ ପ୍ରଜାପତିଙ୍କ ପୁତ୍ରୀ ଓ କଶ୍ୟପଙ୍କ ପତ୍ନୀ ଯେ କି ନାଗମାନଙ୍କୁ ଜନ୍ମ ଦେଇଥିଲେ। ମହି-ପୃଥିବୀ। ସ୍ୱୀକାର-ରାଜି ହୁଅ। ମାତୃବଂଶିକ- ଯେଉଁମାନଙ୍କ ବଂଶ ଗଣନା ମାତା, ମାତାଙ୍କ ମାତା ଆଦିକୁ ନେଇ ହୋଇଥାଏ। ମନାନଂଦେ-ଆନନ୍ଦ ମନରେ।

# ସେ ଦିନର ସେହି ଅଛୁଆଁ ପିଲାଟି



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ–୭୮୪୬୯୨୧୪୦୦

ଭୀମ ପିଲା ଦିନରୁ ଯଦିଓ ଜିଦଖୋର ସ୍ୱଭାବର ଥିଲା କିନ୍ତୁ ନିର୍ଭୟ,ମେଧାବୀ ଓ ସ୍ପଷ୍ଟବାଦୀ ମଧ୍ୟ ଥିଲା।।ପିତା ଥିଲେ ରାମଜୀ ସାକପାଲ ଓ ମାତା ଥିଲେ ଭୀମା ବାଈ।।ପିତା ରାମଜୀ ସୈନ୍ୟ ବିଭାଗରେ ଜଣେ ଶିକ୍ଷକ ଥିଲେ ।ଦାଗୋଲି ଗ୍ରାମର ଚାଟଶାଳୀରେ ଭୀମର ପାଠପଢା ଆରମ୍ଭ ହେଲା ଯେଉଁ ସମୟରେ କି ସମାଜରେ ଛୁଆଁ ଅଛୁଆଁର ଭେଦଭାବ ଖୁବ୍ ଥିଲା । ତେଣୁ ସାଙ୍ଗ ସାଥୀମାନେ ତାଙ୍କୁ କେହି ଛୁଉଁ ନଥିଲେ ଏପରିକି ଶିକ୍ଷକ ମଧ୍ୟ ଛୁଇଁବାକୁ ବାରଣ କରୁଥିଲେ । ତେଣୁ ସେ ଚାଟଶାଳୀର ବାରଣ୍ଡାରେ ବସି ତାଙ୍କ ଭାଇମାନଙ୍କ ସହ ପାଠ ପଢୁଥିଲେ କେବଳ ସେତିକି ନୁହେଁ ଏହି ଅଛବ ଲୋକମାନେ ଶଗଡ଼ରେ ଯିବା ଆସିବା କରିପାରୁନଥିଲେ କି ସେଲୁନ୍‌ରେ ଚୁଟି ମଧ୍ୟ କାଟିବାର ସୁଯୋଗ ପାଉନଥିଲେ। ତାଙ୍କର ଭଉଣୀହିଁ ଭୀମର ବାଳକୁ ପରେ କାଟିଦଉଥିଲେ। ଏସବୁ ସାମାଜିକ ବାଛନ୍ଦ ଭୀମକୁ ଖୁବ୍ ଆଘାତ ଦେଉଥିଲା । ପାଞ୍ଚବର୍ଷ ବୟସରେ ମାଙ୍କୁ ହରାଇଲାପରେ ପିତା ପିଲାଙ୍କ କଷ୍ଟ ସହିନପାରି ସେମାନଙ୍କୁ ବମ୍ବେ ନେଇଗଲେ ଏବଂ ସେଠାରେ ଏଇ ଫିନ୍ ଷ୍ଟୋନ୍ ହାଇସ୍କୁଲରେ ଭୀମର ନାମ ଲେଖାଇ ଦେଲେ। ରାତିରେ କିରୋସିନି ଡିବିରି ଜାଳି ଭୀମ ଓ ତାର ଭାଇମାନେ ପାଠ ପଢୁଥିଲେ । ବହୁତ କଷ୍ଟରେ ମାଟ୍ରିକ ପାସ କଲେ ।। ମାଟ୍ରିକ ପାସ୍ କଲା ପରେ କିନ୍ତୁ ଯେଉଁଦିନ ପରୀକ୍ଷାଫଳ ପ୍ରକାଶ ପାଇଥିଲା ସେଦିନ ସେହି ଅଛୁଆଁ ଜାତିର ଲୋକମାନେ ତାଙ୍କୁ ଅଭିନନ୍ଦନ ଜଣାଇ ଗୌତମବୁଦ୍ଧ ନାମକ ଖଣ୍ଡିଏ ପୁସ୍ତକ ତାଙ୍କୁ ଉପହାର ଦେଲେ । ସେତେବେଳେ ଜାତିରେ ଅଛବ ହୋଇଥିବାରୁ ସଂସ୍କୃତ ପଢିବାକୁ ଖୁବ୍ ଆଗ୍ରହ ଥିଲେ ମଧ୍ୟ ତାଙ୍କୁ ସଂସ୍କୃତ ପଢିବାକୁ ଦିଆ ଯାଉନଥିଲା । ଏହାପରେ ୧୭ବର୍ଷ ବୟସରେ ତାଙ୍କର ରାମ ବାଇଙ୍କ ସହ ବିବାହ ହେଲା । ଦାରିଦ୍ର୍ୟତା ସତ୍ତ୍ୱେ ଅନେକ କଷ୍ଟରେ ମହାରାଜା ଶାୟାଜୀ ରାଓ ଗାୟକୱାର୍ଡ ଭୀମକୁ ୨୫ଟଙ୍କା ବୃତ୍ତି ଦେଲେ । ସେହି ସାହାଯ୍ୟ ପାଇ ସେ ବିଏ ପାସ କଲେ । ବରୋଦା ମହାରାଜା ତାଙ୍କୁ ଆମେରିକା ପଠାଇଲେ। ସେଠାରେ କିନ୍ତୁ ଛୁଆଁ ଅଛୁଆଁ ଭେଦଭାବ ନଥିଲା ।ତେଣୁ ମାନସିକ ଶାନ୍ତିରେ ସେ ପାଠପଢି ୧୯୧୫ ମସିହାରେ ଏମ୍. ଏ ଓ ୧୯୧୬ ରେ ପି.ଏଚ୍. ଡି ଡିଗ୍ରୀ ଲାଭ କଲେ । ଏହାପରେ ଲଣ୍ଡନରେ ଆଇନ୍ ପଢି ୧୯୨୨ରେ ବାରିଷ୍ଟରି ପାସ୍ କଲେ ।ସେହିଠାରେ ଲାଲା ଲାଜପତ ରାୟଙ୍କ ସହ ତାଙ୍କର ସାକ୍ଷାତ ହେଲା । ୧୯୨୩ରେ ସେ ଭାରତ ଆସିଲେ ଓ ପୁଣି ଜର୍ମାନ୍‌ର ବନ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ଡିଗ୍ରୀ ଲାଭ କରି ବମ୍ବେ ହାଇକୋର୍ଟରେ ଓକିଲ ଭାବେ ଯୋଗଦେଲେ ମଧ୍ୟ ଅଛୁଆଁ ଜାତି ବୋଲି ଓକିଲାତି ବ୍ୟବସାୟ ଭଲ ଚାଲିଲାନି। ଏହାପରେ ଅବହେଳିତ ନିଷ୍ପେସିତ ଲୋକମାନଙ୍କ ପାଇଁ ସେ ଅନୁଷ୍ଠାନ ଗଢିଲେ । ୧୯୨୪ମସିହା ରେ ମାର୍ଚ୍ଚ ୯ ରେ ବହିଷ୍କୃତ ହିତ କାରିଣୀ ସଭା ଓ ୧୯୨୭ ରେ ଦଳିତ ଜାତିସଂଘ ନାମରେ ଏକ ଅନୁଷ୍ଠାନ ଗଢିଉଠିଲା। ୧୯୨୭ରେ "ବହିଷ୍କୃତ ଭାରତ"ନାମକ ଗୋଟିଏ ପତ୍ରିକା ପ୍ରକାଶ ପାଇଲା । ଯାହାର ଉଦ୍ଦେଶ୍ୟ ଥିଲା ଅସ୍ପୃଶ୍ୟ ମାନଙ୍କୁ କଲ୍ୟାଣ ପ୍ରଦାନ କରିବା। ଏହା ପରେ ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ। ଏହାପରେ ଗୋଲଟେବୁଲ ବୈଠକରେ ଯୋଗ ଦେବାପାଇଁ ବିଲାତ ଯାତ୍ରା କଲେ । ଏହାପରେ ଭୀମସେନ ରାଜନୈତିକ ନେତା ଭାବେ ବମ୍ବେ ବିଧାନସଭାକୁ ୧୯୩୫ରେ ନିର୍ବାଚିତ ହେଲେ । ୧୯୪୧ରେ ସୈନ୍ୟବାହିନୀର ସଭ୍ୟ ହେଲେ ଏବଂ ୧୯୪୨ ରେ ଶ୍ରମମନ୍ତ୍ରୀ ଭାବେ କାର୍ଯ୍ୟ ଭାର ଗ୍ରହଣ କଲେ ।।୧୯୪୬ ମସିହାରେ ସିଦ୍ଧାର୍ଥ ନାମରେ ଗୋଟିଏ କଲେଜ ପ୍ରତିଷ୍ଠା କଲେ । ଏହାପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ଭାରତ ସ୍ୱାଧୀନ ହେଲା ସେତେବେଳେ ଦେଶର ଶାସନ ଖସଡ଼ା ନଥିଲା । ଆମ ଦେଶର ସମ୍ବିଧାନ ନିର୍ମାଣ କଲେ ଏହି ଅଛବ ପିଲା ଭୀମ, ଯେଉଁ ସମ୍ବିଧାନ ଅନୁସାରେ ଆଜି ଭାରତ ବର୍ଷର ଶାସନ ଚାଲିଛି । ସେଦିନର ସେହି ଅଛୁଆଁ ପିଲାଟି ପାଖରେ ଯେ ଦିନେ ଦେଶବାସୀ ମୁଣ୍ଡ ନୁଆଁଇବେ ଏକଥା କିଏ ଜାଣିଥିଲା । ସେହି ଅଛୁଆଁ ପିଲାଟି ଭୀମସେନ ଆମ୍ବେଦକର ନାମରେ ନାମିତ ହେଲା । ଭୀମ ରାଓଙ୍କର ମେଧାଶକ୍ତି ଓ କର୍ମଦକ୍ଷତା ଦେଖି ଆମ୍ବେଦକର ନାମକ ଜଣେ ବ୍ରାହ୍ମଣ ଶିକ୍ଷକ ତାଙ୍କୁ ଖୁବ୍ ଭଲ ପାଉଥିଲେ । ତେଣୁ ତାଙ୍କ ଭୀମ ନାମରେ ଆମ୍ବେଦକର ଯୋଡି ତାଙ୍କୁ ଅସ୍ପୃଶ୍ୟତାରୁ ଉଦ୍ଧାର କରିଥିଲେ। ସେହି ଦିନରୁ ସେ ଭୀମ ସେନ ଆମ୍ବେଦକର ନାମରେ ପରିଚିତ ହୋଇଥିଲେ । ଆମ୍ବେଦକର ଜନ୍ମ ହୋଇଥିଲେ ୧୮୯୧ମସିହା ଏପ୍ରିଲ ୧୪ ତାରିଖ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଆମାବାଦ ଗ୍ରାମରେ ଶେଷ ନିଶ୍ୱାସ ତ୍ୟାଗ କଲେ ୧୯୫୬ ମସିହା ଡିସେମ୍ବର ୬ ତାରିଖରେ ସତ ମାତ୍ର ଭାରତ ବର୍ଷର ଇତିହାସରେ ସମ୍ବିଧାନର ପ୍ରଣେତା ଭାବେ ଆଜି ମଧ୍ୟ ଚିରସ୍ମରଣୀୟ ହୋଇ ରହିଛନ୍ତି । ସତରେ ସେଦିନର ସେହି ଅଛୁଆଁ ପିଲାଟିର ଦାନ କେତେ ମହାନ୍ ।।

# ପରୀକ୍ଷାର ଭୟ ଏବଂ ଆତ୍ମହତ୍ୟା



ମନିଦୀପା ସାହୁ

ପରୀକ୍ଷା ଋତୁ ଆଗକୁ ଆସିବା ସହିତ, ଆମେ ପୁଣିଥରେ ଚାପଗ୍ରସ୍ତ ଯୁବକ ଛାତ୍ରମାନଙ୍କ ନିଜ ଜୀବନ ସମାପ୍ତ କରିବାର ଖବର ସହିତ ସମ୍ମୁଖୀନ ହେଉଛୁ । ନିକଟ ଅତୀତରେ, ଆଇଆଇଟି ଦିଲ୍ଲୀର ୨୪ ବର୍ଷୀୟ ଏମ ଟେକ୍ ଛାତ୍ର ଆତ୍ମହତ୍ୟା ମାମଲାରେ ତାଙ୍କ ହଷ୍ଟେଲ ରୁମରେ ଫାସୀ ହୋଇଥିବା ମିଳିଥିଲେ। ରାଉରକେଲା ସ୍ଥିତ ହଷ୍ଟେଲ ଛାତରୁ ତଳକୁ ଡିଆଁ ମାରି ଜଣେ ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମଣିପାଲର MAHE ବିଶ୍ୱବିଦ୍ୟାଳୟର ୧୯ ବର୍ଷ ବୟସ୍କ ଛାତ୍ର ପରୀକ୍ଷା ଦେଇ ଯିବା ପରେ ଏକ କୋଠା ଉପରୁ ଡେଇଁପଡିଥିଲେ। ୧୬ ବର୍ଷ ବୟସ୍କ JEE ଆଶାୟୀକର୍ମୀ କୋଟାରେ ନିଜକୁ ଫାଶୀ ଦେଇଥିଲେ, ଚଳିତ ବର୍ଷ କୋଚିଂ ହବ୍‌ର ଏହା ତୃତୀୟ ମାମଲା ।

ଏହିପରି ଖବର ଏତେ ସାଧାରଣ ହୋଇଗଲାଣି, ଆମେ ଆଉ ଚକିତ ଅନୁଭବ କରୁନାହୁଁ । ଏହି ଅସୁସ୍ଥତା ଶୀଘ୍ର ବନ୍ଦ ହେଉ ବୋଲି ଆମେ ପ୍ରାର୍ଥନା ଶେଷ କରିବା ପୂର୍ବରୁ , ଦୁଃଖର ଉପଯୁକ୍ତ ଅଭିବ୍ୟକ୍ତି ପରେ ଦୈନନ୍ଦିନ ଜୀବନ ପୂର୍ବପରି ଚଳିତ ହୁଏ । ଏକ ମୁଖହୀନ ଏବଂ ଅସ୍ପଷ୍ଟ ବ୍ୟବସ୍ଥାକୁ ଦୋଷ ଦେଇ କର୍ତ୍ତୃପକ୍ଷଙ୍କଠୁ ସମସ୍ୟାର ସମାଧାନର ଆଶା କରିବା ଅତ୍ୟନ୍ତ ସହଜ । କିନ୍ତୁ ଆମେ ସ୍ୱୟଂ ଏହି ବ୍ୟବସ୍ଥାରୁ ବିଚ୍ଛିନ୍ନ କି ? ଆମେ ଏବଂ ଆମ ପରି ଲୋକ ହିଁ ଏହି ବ୍ୟବସ୍ଥାକୁ ତିଆରି କରିବାରେ ସହଯୋଗ କରୁ ନାହୁଁ କି ? ଆସନ୍ତୁ ଏହି ସମସ୍ୟା ଉପରେ ଧ୍ୟାନ ଦେବା ଏବଂ ନିଜ ନିଜ ସ୍ତରରେ କିପରି ଏକ ପରିବର୍ତ୍ତନ ଆଣିବା, ତାହା ବିଚାର କରିବା ।

ଏହି ମୃତ୍ୟୁ ପାଇଁ ଏକାଡେମିକ୍ ଚାପ ଏକମାତ୍ର କାରଣ ନୁହେଁ । ପିତାମାତାଙ୍କ ଅବାସ୍ତବ ଆକାଂକ୍ଷା, ସାଥୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଏବଂ ପାଠ ପଢା ସହିତ ଜଡିତ ନଥିବା ବିଭିନ୍ନ ଚିନ୍ତାଧାରା ମଧ୍ୟ ଏକ ଜଟିଳ ବିଷାକ୍ତ କକଟେଲ ହୋଇ ଆତ୍ମ-ବିନାଶକାରୀ ପ୍ରବୃତ୍ତି ସୃଷ୍ଟି କରିଥାଏ । ଉଦାହରଣ ସ୍ୱରୂପ, ଅନ୍ୟଥା ସନ୍ତୁଳିତ ଯୁବକ, ପିତାମାତାଙ୍କ ମୃତ୍ୟୁ, ଆର୍ଥିକ ଅସୁବିଧା କିମ୍ବା ପାରିବାରିକ କନ୍ଦଳ ହେତୁ ଉଦାସ ହୋଇପାରେ । ପରିବେଶରେ ଏକାଧିକ କାରଣ ଉତ୍ତେଜନା ସୃଷ୍ଟି କରିପାରେ । ପରୀକ୍ଷା ନିକଟତର ହେବାର ଭୟ କେବଳ ଅନ୍ତିମ ଟ୍ରିଗର ହୋଇଥାଏ। ଯୁବକମାନେ ସର୍ବଦା ଚାପରେ ରହି ମଧ୍ୟ ସଫଳତାର ସହ ବାଧାବିଘ୍ନକୁ ଦୂର କରିଛନ୍ତି । ବହୁ ଶତାବ୍ଦୀ ପୂର୍ବରୁ ଲୋକମାନେ ମହାମାରୀ, ମହାଯୁଦ୍ଧ, ଅନୈତିକତା ଏବଂ ଦୁର୍ଭିକ୍ଷର ଅନନ୍ତ ଭୟରେ ବାସ କରୁଥିଲେ । ଗୁମ୍ଫାବାସି ମାନେ ପ୍ରତି ମୁହୂର୍ତ୍ତରେ ବିପଦ ଏବଂ ହିଂସାତ୍ମକ ମୃତ୍ୟୁର ସମ୍ମୁଖୀନ ହେଉଥିଲେ ମଧ୍ୟ ଚମତ୍କାର ଗୁମ୍ଫା ଚିତ୍ର ତିଆରି କରିପାରୁଥିଲେ, ନିଆଁକୁ ଆୟତ୍ତ କରିବା ଏବଂ ଚକ ଉଦ୍ଭାବନ କରିବାକୁ ଆଗେଇ ଆସିଥିଲେ । ପଢାପଢିରେ ବିଫଳତାର ଭୟ ଅତ୍ୟଧିକ ହୋଇପାରେ, କିନ୍ତୁ ଆମ ଦେଶର ଲକ୍ଷ ଲକ୍ଷ ଯୁବକ ଏହାର ସମ୍ମୁଖୀନ ହେଉଛନ୍ତି ଏବଂ ଶାନ୍ତିପୂର୍ଣ୍ଣ ଏବଂ ଉତ୍ପାଦନକାରୀ ଜୀବନଯାପନ କରିବାକୁ ଚେଷ୍ଟା କରୁଛନ୍ତି । କେବଳ ଅଳ୍ପ ପ୍ରତିଶତ ଲୋକ ହିଁ ଆତ୍ମହତ୍ୟା ଭଳି ପଦକ୍ଷେପ ନିଅନ୍ତି। ଛାତ୍ର ଆତ୍ମହତ୍ୟାର କାରଣ ପ୍ରାୟତ ଜଟିଳ ହୋଇଥାଏ । ଉଚ୍ଚ ମାର୍କ ହାସଲ କରିବା ପାଇଁ କିମ୍ୱା ଅନୁପଯୁକ୍ତ କ୍ୟାରିୟର ପସନ୍ଦ କରିବା ପାଇଁ, ନିରନ୍ତର ଏବଂ ଅବାସ୍ତବ ପିତାମାତାଙ୍କ ଆକାଂକ୍ଷା, ଯୁବକ ଛାତ୍ରମାନଙ୍କୁ ଅତ୍ୟଧିକ ମାନସିକ ବିଷାଦ ଆଡକୁ ଆଗେଇନିଏ । ଖାଲି ସେତିକି ନୁହଁ, ପରିବାରର ବଡ଼ବୟସ୍କ ମାନେ ଯୁବକମାନଙ୍କୁ ଅନ୍ୟମାନଙ୍କ ସହିତ ପ୍ରତିକୂଳ ତୁଳନା କରି ହତାଶ କରନ୍ତି । ସଠିକ୍ ସ୍ଥାନିତ ଏବଂ ଭଲ ବିବେଚିତ ଆକାଂକ୍ଷା କାହାକୁ ମରିବାକୁ ଦେବ ନାହିଁ । କିନ୍ତୁ ଯେତେବେଳେ ଯୁବକମାନେ ଅନୁପଯୁକ୍ତ ପସନ୍ଦ କରିବାକୁ ଠେଲି ହୁଅନ୍ତି, ସେତିକିବେଳେ ଫାଟ ସୃଷ୍ଟି ହେବାକୁ ଲାଗେ । ନୂତନ ଯୁଗର ଚକମକ ବୃତ୍ତି ଗୁଡିକ ପାଇଁ ବଢିଚାଲିଥିବା ଆତୁରତା ମଧ୍ୟ କାରଣ ହୋଇପାରେ । କେବଳ ଅଳ୍ପ କେତେଜଣ ଆର.ଜେ , ମଡେଲ୍ କିମ୍ବା ଫ୍ୟାଶନ୍ ଡିଜାଇନର୍ ଭାବରେ ସ୍ଥାୟୀ ଏବଂ ସଫଳ କ୍ୟାରିଅର୍ କରିପାରନ୍ତି । ଯେଉଁ ଯୁବକମାନେ ଏପରି ବୃତ୍ତିରେ ଭ୍ରଷ୍ଟ ହୋଇଯାନ୍ତି, ବିଫଳତାର ଭୟ ଦ୍ୱାରା ପଙ୍ଗୁ ହୋଇପଡନ୍ତି । ଶିକ୍ଷକ ଏବଂ ଅଭିଭାବକମାନେ ଯୁବକମାନଙ୍କୁ ଏହା ଶିକ୍ଷା ଦେବା ଆବଶ୍ୟକ ଯେ କୌଣସି ବୃତ୍ତିର ଅନୁଭବିତ ଚାକଚକ୍ୟ ପଛରେ ରହିଛି ଉତ୍ସର୍ଗୀକୃତ ଏବଂ ପରିଶ୍ରମର ମୂଳଦୁଆ । ଛାତ୍ରମାନେ ହୃଦୟଙ୍ଗମ କରିବା ଆବଶ୍ୟକ ଯେ ଆଜୀବନ ସଫଳତା ପାଇଁ କୌଣସି ଶୀଘ୍ର, ସହଜ ମାର୍ଗ ନାହିଁ । ଭୁଲ କାରଣ ପାଇଁ ବୃତ୍ତି ପସନ୍ଦ କରିବା କେବଳ ଦୁଃଖର କାରଣ ହୋଇପାରେ ।

ଶିକ୍ଷାଦିକ୍ଷାରେ ଉତ୍କର୍ଷ ଆଶା କରିବା ସହିତ, କିଛି ପିତାମାତା ସେମାନଙ୍କ ପିଲାମାନଙ୍କୁ ଖେଳ, କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକଳାପରେ ଶ୍ରେଣୀରେ ଉତ୍କୃଷ୍ଟ କରିବାକୁ ଚାପ ଦିଅନ୍ତି, ସେମାନଙ୍କୁ ଅନାବଶ୍ୟକ ଭାବରେ ଉଚ୍ଚ ସଫଳତା ପାଇଥିବା ବ୍ୟକ୍ତିଙ୍କ ସହିତ ତୁଳନା କରନ୍ତି । ନିଜର ଅସମ୍ପୂର୍ଣ୍ଣ ଅଭିଳାଷକୁ ସେମାନଙ୍କ ପିଲାମାନଙ୍କ ଉପରେ ପକାଇ ସେମାନଙ୍କୁ କଠୋର ନିୟନ୍ତ୍ରଣରେ ରଖନ୍ତି ଏବଂ ଦୈନନ୍ଦିନ ଜୀବନରେ ଶିଶୁଟିକୁ ଆନନ୍ଦ ଦାୟକ କାର୍ଯ୍ୟକଳାପରୁ ଦୁରେଇ ରଖନ୍ତି । ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟକଳାପ ଏକ ଚାପଗ୍ରସ୍ତ ପିଲା ଉପରେ ବୋଝ ହେବା ପରିବର୍ତ୍ତେ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବା ଉଚିତ୍। ଭାରତୀୟ ପିତାଙ୍କର ସେମାନଙ୍କ ପିଲାମାନଙ୍କ ସହିତ ଯୋଗାଯୋଗ ଏବଂ ଭାବପ୍ରବଣତା ନ ରଖିବା ଜଣାଶୁଣା । ଦୁର୍ଭାଗ୍ୟର ବିଷୟ ଯେ, ଭାରତୀୟ ମାତାମାନେ ମଧ୍ୟ ଏହି ଦିଗରେ ଅଧିକ ସଫଳ ହୋଇପାରିନାହାନ୍ତି । ଯୁବକମାନଙ୍କ ଉପରେ ଚାପକୁ ହ୍ରାସ କରିବା ଏବଂ ସେମାନଙ୍କୁ ଭଲ ଭାବରେ ବିପଦର ମୁକାବିଲା କରିବାରେ ସାହାଯ୍ୟ କରିବାକୁ, ପିତାମାତା ଏବଂ ବୟସ୍କ ମାନେ ଯୁବକମାନଙ୍କୁ ପ୍ରୋତ୍ସାହନ ଦେବ ଦରକାର। ସେମାନଙ୍କ ସହ ଏକ ସୁସ୍ଥ ସମ୍ପର୍କ ଗଠନ କରିବାକୁ ଚେଷ୍ଟା କରି ଦୁଃଖ ସମୟରେ ସେମାନଙ୍କୁ ସାହାରା ଦେବା ଦରକାର।

ବୟସ୍କମାନେ ଏକମାତ୍ର ଦୋଷୀ ନୁହଁନ୍ତି । ସାଥୀ ଚାପ ମଧ୍ୟ ଯୁବକମାନଙ୍କୁ ଉଦାସୀନତା ଆଡକୁ ଟାଣି ନେଇପାରେ । ସହପାଠୀମାନେ, ପରୀକ୍ଷାର ଭୟାବହତା ବିଷୟରେ ବାରମ୍ବାର ଆଲୋଚନା କରି ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କରି ଜଣେ ଅସୁରକ୍ଷିତ ଛାତ୍ରଙ୍କୁ ଚରମ ପଦକ୍ଷେପ ନେବାପାଇଁ ଉତ୍ତେଜିତ କରିପାରନ୍ତି। ନୂଆ ସୁନ୍ଦର ପୋଷାକ, ଦାମୀ ମୋବାଇଲ୍ ଫୋନ୍ ଏବଂ ଗ୍ୟାଜେଟ୍, ଏବଂ ବିପରୀତ ଲିଙ୍ଗର କାହା ସହିତ ଏକ ଫ୍ୟାଶନେବଲ୍ 'ସମ୍ପର୍କ' କରିବାକୁ ସାଥୀଙ୍କ ଆଡୁ ଚାପ ଯୁବକମାନଙ୍କ ଅସନ୍ତୋଷକୁ ବଢ଼ାଇପାରେ । ପ୍ରେମର ବସ୍ତୁରୁ ପ୍ରତ୍ୟାଖ୍ୟାନ କିଛି କିଶୋରଙ୍କୁ ବିନାଶ କରିପାରେ । ଯୁବକମାନଙ୍କୁ ପ୍ରକୃତ ପସନ୍ଦ ଉପରେ ଆଧାର କରି ବନ୍ଧୁତ୍ୱର ସ୍ୱୀକାର ଏବଂ ପୋଷଣ ପାଇଁ ଏକ ସଚେତନ ପ୍ରୟାସ କରିବାକୁ ଏବଂ ପ୍ରତ୍ୟେକ ସମ୍ପର୍କକୁ ଅନାବଶ୍ୟକ ଭାବରେ ପ୍ରତିଯୋଗିତାଶୀଳ ନକରିବାକୁ ଶିକ୍ଷା ଦିଆଯିବା ଦରକାର।

ଦାରିଦ୍ର୍ୟ ତଥା ସାମାଜିକ ବିଚ୍ଛିନ୍ନତା ଯୋଗୁଁ ନିକଟରେ କଟକ ଠାରେ ଏକ ସରକାରୀ ଆଇଟିଆଇର ୧୭ ବର୍ଷ ବୟସ୍କ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି। ବାଳକଟି କେନ୍ଦ୍ରାପଡାର କୋରୁଆରୁ ଆସି ସହପାଠୀଙ୍କ ସହ ଏକ କୋଠରୀରେ ରହୁଥିଲେ। ସେ ଅଧ୍ୟୟନ ପାଇଁ ଅର୍ଥ ଅର୍ଜନ କରିବା ପାଇଁ ଏକ କ୍ୟାଟରିଂ ସେବାରେ କାର୍ଯ୍ୟରତ ଥିଲେ । ବଡ ସହରରେ ସହାୟତା ପାଇଁ ପାଖରେ କୌଣସି ପରିବାର କିମ୍ବା ଘନିଷ୍ଠ ବନ୍ଧୁ ନଥିଲେ। ଦାୟିତ୍ୱବାନ ନାଗରିକ ଭାବରେ, ଆମ ମଧ୍ୟରେ ଏହିପରି ସଂଘର୍ଷ କରୁଥିବା ଯୁବକମାନଙ୍କ ପ୍ରତି ଆମେ ସମ୍ବେଦନଶୀଳ ହେବା ଉଚିତ୍ ।

ଅନ୍ତିମ ସାଂଘାତିକ ପଦକ୍ଷେପ ନେବା ପୂର୍ବରୁ ଜଣେ ଆତ୍ମହତ୍ୟା କରୁଥିବା ଯୁବକ କ'ଣ ଦେଇ ଗତି କରେ ? ବିଶେଷଜ୍ଞଙ୍କ ଅନୁଯାୟୀ, ଏହା କ୍ୱଚିତ୍ ଏକ ପ୍ରେରଣା, ଏବଂ ପ୍ରାୟତଃ ଏକ ଯୋଜନାବଦ୍ଧ ଏବଂ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି । ସଚେତନ ଶିକ୍ଷକ, ଅଭିଭାବକ ଏବଂ ବନ୍ଧୁମାନେ ପୀଡିତଙ୍କ ମାନସିକ ଅସ୍ଥିରତାର ଚିହ୍ନ ଗୁଡିକୁ ଶୀଘ୍ର ଚିହ୍ନଟ କରିପାରିବେ, ଉଦାହରଣ ସ୍ୱରୂପ- ପୂର୍ବରେ ପ୍ରିୟ ଥିବା ବସ୍ତୁ ବିଶେଷ ଆଉ ଭଲ ନ ଲାଗିବ, ରୁଚୁ ଥିବା କାର୍ଯ୍ୟରେ ଆଉ ମନ ନ ଲାଗିବ, ଏବଂ ଆତ୍ମହତ୍ୟା ବିଷୟରେ ବାରମ୍ବାର ଆଲୋଚନା କରିବା । ଜଣେ ଆତ୍ମହତ୍ୟାକାରୀ ହଠାତ୍ ଅନ୍ୟମାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସାମାଜିକ କଥାବାର୍ତ୍ତା ଠାରୁ ଦୂରେଇ ରହିପାରନ୍ତି । ମଦ୍ୟପାନ ଏବଂ ଡ୍ରଗ୍ସର ବ୍ୟବହାର ହଠାତ ବର୍ଦ୍ଧିତ ହୋଇପାରେ । ଜଣେ ଆତ୍ମହତ୍ୟାକାରୀ ହଠାତ୍ ମୂଲ୍ୟବାନ ସମ୍ପତ୍ତି ଅନ୍ୟ ମାନଙ୍କ ମଧ୍ୟରେ ଅସ୍ୱାଭାବିକ ଭାବେ ବାଣ୍ଟି ଦେଇପାରେ । ସେମାନେ ମୃତ୍ୟୁ କିମ୍ବା ମୃତ୍ୟୁ ବିଷୟରେ ବାରମ୍ବାର କଥାବାର୍ତ୍ତା ହେବାର ସମ୍ଭାବନା ଅଛି। ପଢାପଢିରେ ହଠାତ ମନ ନ ଲାଗିବା, ଅନିୟନ୍ତ୍ରିତ ରାଗ, ଅତ୍ୟଧିକ ଭାବପ୍ରବଣତା ଏବଂ ବିପଦପୂର୍ଣ୍ଣ କାର୍ଯ୍ୟକଳାପ ଗ୍ରହଣ କରିବା ଅନ୍ୟ ଚେତାବନୀ ସଙ୍କେତ।

ସରକାରୀ ନୀତି ନିର୍ମାତା ଏବଂ ଶିକ୍ଷାନୁଷ୍ଠାନଗୁଡିକ, ଆମ ପିଲାମାନେ କିପରି ଅନୁକୂଳ ପରିସ୍ଥିତିକୁ ମୁକାବିଲା କରିବେ ତାହା ଶିଖାଇବା ଆବଶ୍ୟକ । ମାନସିକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଦ୍ୱାରା, ଶିକ୍ଷାନୁଷ୍ଠାନଗୁଡ଼ିକରେ ପରାମର୍ଶଦାତାମାନଙ୍କୁ ସୁନିଶ୍ଚିତ ଭାବେ ତାଲିମ ଦେବା ଏବଂ ଶିକ୍ଷକମାନଙ୍କୁ ସମ୍ବେଦନଶୀଳ କରିବା କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମକୁ ବୁଝିବାକୁ ହେବ ଯେ ଆତ୍ମହତ୍ୟାକୁ ରୋକାଯାଇପାରିବ ଏବଂ ଆତ୍ମହତ୍ୟାକୁ ରୋକିବା ପାଇଁ ଜଣେ ମାନସିକ ସ୍ୱାସ୍ଥ୍ୟରେ ବୃତ୍ତିଗତ ହେବା ଆବଶ୍ୟକ ନୁହେଁ। ସହାନୁଭୂତି ଏବଂ ପ୍ରେରଣା ସହିତ ଯେକୌଣସି ବ୍ୟକ୍ତି ଏକ ଆନ୍ତରିକ ପ୍ରୟାସ କରିପାରନ୍ତି ଏବଂ ଗୋଟେ ଜୀବନ ବଞ୍ଚାଇବାରେ ସଫଳ ହୋଇପାରନ୍ତି। ସମ୍ଭାବ୍ୟ ଆତ୍ମହତ୍ୟା କରୁଥିବା ଯୁବକମାନଙ୍କୁ ତାଲିମପ୍ରାପ୍ତ ପରାମର୍ଶଦାତା ଏବଂ ମନୋବିଜ୍ଞାନୀ ମାନଙ୍କ ପାଖକୁ ଶୀଘ୍ର ଆଣିଲେ ସେମାନେ ପ୍ରଭାବଶାଳୀ ଭାବରେ ତାଙ୍କୁ ସାହାଯ୍ୟ କରିପାରିବେ । ଆମର ସାମାଜିକ ପରିବେଶରେ ଥିବା ଛାତ୍ର କିମ୍ବା ଯୁବକମାନଙ୍କ ଯତ୍ନ ନେବା ଏବଂ ଧ୍ୟାନ ଦେବା ପ୍ରତ୍ୟେକ ଦାୟିତ୍ୱବାନ ନାଗରିକଙ୍କ କର୍ତ୍ତବ୍ୟ । ଆମ ଆଖପାଖର ଯୁବକମାନଙ୍କ ସହ ଟିକିଏ ଗୁଣାତ୍ମକ ସମୟ ଅତିବାହିତ କରିବା ଏବଂ ଆବଶ୍ୟକ ସମୟରେ ନିର୍ଭର କରିବାକୁ ନିଜ କାନ୍ଧ ପ୍ରଦାନ କରିବା, ସେମାନଙ୍କର ନକାରାତ୍ମକ ଚିନ୍ତାଧାରାର ମୁଳୋତ୍ପାଟନ କରିବାରେ ସାହାଯ୍ୟ କରିପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ଅବଶିଷ୍ଟ ଅବସୋସ

ବିଶ୍ୱ ରଞ୍ଜନ ଜେନା

ଛାଡ ମ ସେ କଥା। ଏତେ କଥା ଧରି ବସିଲେ ହେବ? ସିଏ ଏକୁଟିଆ ପିଲା। କେତେ ବ୍ୟସ୍ତ ଥିବ! ଭୁଲିଯାଇଥିବ ଫୋନ୍ କରିବାକୁ। ତମେ ସେଇ କଥାକୁ ଧରି ବସିଛ? ଆଉ ତା ଛଡା ଯଦି ସିଏ ସତରେ ଆମକୁ ଜାଣି ଜାଣି କହିନଥିବ, ଆମେ ଗଲେ କ'ଣ ଫେରାଇଦେବ? ତମେ ସେସବୁ କଥା ଛାଡ଼ । ଗୋଟାଏ ଗାଡ଼ି ଠିକ୍ କର। ଆମେ ଦୁହେଁ କାଲି ଭୋର୍‌ରୁ ବାହାରିଯିବା । - କହିଲେ ମହିଳା ଜଣକ।

ନିଜ ପତ୍ନୀଙ୍କ କଥାକୁ ଚୁପ୍‌ଚାପ୍ ଶୁଣୁଥିଲେ ଭଦ୍ରବ୍ୟକ୍ତି ଜଣକ । ଉଁ କି ଚୁଁ କିଛି ବି କହୁନଥିଲେ। କେହି କ'ଣ କେବେ ନିଜ ବାପା ମା'ଙ୍କୁ ଜଣାଇବାକୁ ଭୁଲିଯାଏ? କାଲି ତାଙ୍କ ବଡ଼ପୁଅର ଏକମାତ୍ର ପୁଅର ପ୍ରଥମ ଜନ୍ମବାର୍ଷିକୀ। କିନ୍ତୁ ସେମାନଙ୍କୁ କୁହା ହୋଇନାହିଁ। ଅଥଚ ବାହାରୁ କେଉଁଠୁ ଶୁଣିକରି ଆସି ତାଙ୍କ ପତ୍ନୀ ଜିଦି ଧରିଛନ୍ତି କାଲିଯିବାକୁ। ମା' ମନ, ଯେତେ ଯାହା ହେଲେ ବୁଝିବ କୁଆଡୁ ? ସିଏ ବା କେମିତି ବୁଝାଇବେ, ନ ଯିବାରେ ଯେତିକି କଷ୍ଟ ଲାଗିବ ନାହିଁ, ଯଦି ସେଠୁ ଅପମାନିତ ହୋଇ ଫେରିବେ, ସେ କଷ୍ଟ କେଇଗୁଣ ବଢିଯିବ ।

ଖୁଣ୍ଟଟା ଭଳିଆ କଣ ବସିଛ ଯେ ସେତିକିବେଳୁ? ମୋ କଥା କାନରେ ପଶୁଛି ନା ନାହିଁ? କାଲି କ'ଣ ଖାଲି ହାତରେ ଯିବ ନାତି ଜନ୍ମଦିନକୁ? ବଣିଆ ଠାରୁ ଯାଅ ଗୋଟାଏ ଭଲ ମୁଦି କି ଲକେଟ୍‌ଟାଏ ନେଇଆସିବ। ଭଲ ଡ୍ରେସ୍ ହଲେ ବି ଆଣିବ। ମୋ ନାତି କେତେବଡ଼ ହୋଇଯିବଣି ଆହା!

ହଉ ହଉ, ମୁଁ ସବୁ ବୁଝିଗଲି। ତମ କହିବା ହିସାବରେ ସବୁ ହୋଇଯିବ। ଏବେ ଯାଅ, ଟିକେ ଚା' କରି ଆଣ।

ସକାଳୁ ସକାଳୁ ସେମାନେ ବାହାରିଗଲେ ଗନ୍ତବ୍ୟସ୍ଥଳ ଅଭିମୁଖେ। ଗାଁ ଠାରୁ ପ୍ରାୟ ତିରିଶ କିଲୋମିଟର ଦୂରରେ ରହୁଥିଲା ତାଙ୍କ ପୁଅ । ଗାଡିରେ ବସିଥିବା ସମୟରେ ଭଦ୍ରବ୍ୟକ୍ତି ଜଣକ ଅତୀତର କଥା ସବୁ ମନେପକାଉଥାନ୍ତି। ନାତିର ଏକୋଇଶା ବାସି ବୋହୂ ଜିଦି କଲା ତା ପୁଅକୁ ଧରି ସହରକୁ ଚାଲିଯିବାକୁ। ଏ ଗାଁରେ କୁଆଡେ ତା ପିଲାର ଦେହ ଭଲରହୁନାହିଁ। ଯିଏ ଯୁଆଡୁ ଆସି ପିଲାକୁ ଧରି ପକାଉଛନ୍ତି। ତାର ଇନ୍‌ଫେକ୍‌ସନ୍ ହେଉଛି। ବାଧ ହୋଇ ପୁଅ ତା ସ୍ତ୍ରୀ ଆଉ ପିଲାକୁ ଧରି ସହରକୁ ଆସିଗଲା। ସେଇ ଯେ ଯାଇଛି, ଯାଇଛି। ଆଉ ଗାଁକୁ ଫେରିବାର ନାଁ ଧରିନି। ସିଏ ଥରେ ହିଁ ଆସିଥିଲେ ବସାଘରକୁ। ମାତ୍ର ବୋହୂର ବ୍ୟବହାର ଏମିତି ଥିଲା ଯେ ଆଉ କେବେ ଆସିବାକୁ ମନ କରିନଥିଲେ। ପ୍ରଥମରୁ ପୁଅ ଫୋନ୍ କରୁଥିଲା। କିନ୍ତୁ ଦିନକୁ ଦିନ ତା ବି କମିଗଲା। ଯଦି କେବେ ସିଏ ଫୋନ୍ କରନ୍ତି ଅଳ୍ପ ସମୟ କଥା ହୋଇ ମୋର କାମ ଅଛି କହି ଫୋନ୍ କାଟିଦିଏ । ମୁଖ୍ୟ ରାସ୍ତା ଠାରୁ ଭାଙ୍ଗିକରି ଏକ ଗଳି ଭିତରକୁ ଗଲେ ପଡିବ ତାଙ୍କ ପୁଅର ବସାଘର। ତା ଭିତରକୁ ଏ ଗାଡି ଯାଇପାରିବ ନାହିଁ। ଚାଲିଚାଲି ଯିବାକୁ ହେବ। ଗାଡିକୁ ରାସ୍ତାକଡରେ ସାଇଡ୍ କରିଦେବାକୁ କହିଲେ।

ବାପାରେ, ତୁ ଏଇଠି ଅପେକ୍ଷା କରିଥା'। ମୁଁ ଟିକେ ଦେଖିଦେଇ ଆସେ। ଏଇ ଗଳି ବୋଧେ। ଥରିଏ ଆସିଥିଲି ତ, ଠିକ୍ ମନେ ପଡୁନାହିଁ।

ମୁଁ ଏଠି ଏକୁଟିଆ ବସି କ'ଣ କରିବି? ମୁଁ ବି ତୁମ ସହ ଯିବି। ଘର ପାଇଗଲେ ମୁଁ ରହିଯିବି ଆଉ ତମେ ଆସି ଏ ପୁଅକୁ ପଇସା ଦେଇଯିବ।

ସ୍ୱାମୀସ୍ତ୍ରୀ ଦୁହେଁ ଆଗପଛ ହୋଇ ଚାଲିଲେ। ଘର ବି ମିଳିଗଲା। ଘରର କଲିଂବେଲ୍ ମାରିଲେ। ଘର ଭିତରୁ ବାହାରି ଆସିଲା ତାଙ୍କ ବୋହୂ। ହଠାତ୍ ଏମାନଙ୍କୁ ଦେଖି ତାର ମୁହଁର ଭାବ ପରିବର୍ତ୍ତନ ହୋଇଗଲା। କିଛି ନ କହି ସିଧା ଧାଇଁଗଲା ଭିତରକୁ।

ମୁଁ ତୁମକୁ ବାରମ୍ବାର ମନାକଲା ପରେ ବି ତୁମେ ସେମାନଙ୍କୁ ନିମନ୍ତ୍ରଣ କରିଦେଲ ନା। ଯେତେ କହିଲେ କ'ଣ ମୋ କଥା ଶୁଣିବ – କହିଲା ବୋହୂ ।

ଆରେ କାହା କଥା କହୁଛ? ତୁମକୁ ନ ପଚାରି ମୁଁ କାହାକୁ ନିମନ୍ତ୍ରଣ କଲି। - ପଚାରିଲା ପୁଅ।

ଆଉ କାହାକୁ ତୁମ ବାପା ବୋଉଙ୍କୁ ଯାଅ ଦେଖିବ, ସକାଳୁ ସକାଳୁ କେମିତି ଆସି ପହଞ୍ଚିଯାଇଛନ୍ତି। ବାହାରେ ଛିଡା ହୋଇଛନ୍ତି ।

ପୁଅ ବାହାରକୁ ଆସି ଦେଖିଲା ବେଳକୁ ଦୁହେଁ ଛିଡା ହୋଇଛନ୍ତି। ବାପା, ତୁମେ, ପୁଣି ଏତେ ସକାଳୁ ବୋଉକୁ ଧରି!

ଆରେ ମୁଁ କଣ ଆସୁଥିଲି। ତୋ ବୋଉ କୋଉଠୁ ଶୁଣିଲା ଆଜି ତୋ ପୁଅର ଜନ୍ମଦିନ ବୋଲି। ବାଧ କରିବାରୁ ମୁଁ ଜାଣ ବାହାରିଲି।

ବୋଉ ସିନା କିଛି ବୁଝିବ ନାହିଁ, ତମେ ତ ସବୁ ଜାଣିଛ । ଯଦି ମୁଁ ତୁମକୁ କହିନାହିଁ, ନିଶ୍ଚିତ କିଛି କାରଣ ତ ଥିବ। ମୁଁ ଘରେ ଅଶାନ୍ତି ଚାହୁଁନାହିଁ। ଖାସ୍ କରି ଆଜି ଭଳି ଦିନରେ। ଆଉ କିଛି ସମୟ ପରେ ଘରକୁ ଅତିଥିମାନେ ଆସିବା ଆରମ୍ଭ ହୋଇଯିବ। ମୁଁ ତୁମକୁ ହାତ ଯୋଡୁଛି ଦୟାକରି ଏଠୁ ଚାଲିଯାଅ।

ଭଦ୍ରବ୍ୟକ୍ତି ଜଣକ ଆଉ କିଛି ନ କହି ଫେରିଆସିଲେ। ଫେରିଲା ବେଳେ ମୁହଁବୁଲାଇ ପଛକୁ ବି ଟିକେ ଚାହିଁଲେ ନାହିଁ। ଏମିତି କି ପଛରେ ତାଙ୍କ ସ୍ତ୍ରୀ ଆସୁଛନ୍ତି କି ନାହିଁ ଦେଖିବାକୁ। ସିଧା ଏକା ମୁହଁରେ ଆସି ପହଞ୍ଚିଲେ ଗାଡି ପାଖରେ।

କଣ ହେଲା ମଉସା ? ଦୁହେଁ ଫେରି ଆସିଲେ ଯେ ? – ପଚାରିଲା ଡ୍ରାଇଭର।

ଆମେ ଭୁଲ୍ ଠିକଣାରେ ଆସିଯାଇଥିଲୁ। ଏଠି ଆଉ ଆମ ପୁଅ ରହୁନାହିଁ। ତୁ ଗାଡି ବୁଲା, ଘରକୁ ଫେରିଯିବା। ଡ୍ରାଇଭର ଜଣକ ଗାଡି ବୁଲାଇବାକୁ ଷ୍ଟାର୍ଟକଲା।

ବାସନ୍ଦରା, ଜଗତସିଂହପୁର
ମୋ- ୯୩୪୮୭୪୯୬୮୨

## ଆମ ନବ ବର୍ଷ ଆସୁଛି ବିଷୁବ ସଂକ୍ରାନ୍ତି...

ସୁରମା ମିଶ୍ର



ଆସୁଛିରେ ଭାଇ ବିଷୁବ ସଂକ୍ରାନ୍ତି
ଓଡ଼ିଆଙ୍କ ନବ ବରଷ
ସଭିଏଁ ପାଳିବେ ଭକ୍ତି ଭାବ ନେଇ
ସଭିଙ୍କର ମନ ହରଷ

ମାଆ କରେ ପଣା ନିଷ୍ଠାର ସହିତ
କଦଳୀ ନଡ଼ିଆ ପକାଇ
ଛତୁଆ ନବାତ ବେଲ ପକାଇଲେ
ବହୁତ ସୁଆଦ ଲାଗଇ

ଚଉରା ଉପରେ ଛାମୁଣ୍ଡିଆ କରି
ପାଣି ଭରା ଠେକି ରଖଇ
କୁଶ ମାଧ୍ୟମରେ ତୁଳସୀ ଗଛରେ
ଟୋପା ଟୋପା ପାଣି ପଡ଼ଇ

ହନୁମାନଙ୍କର ଜନ୍ମ ଦିନ ପାଇଁ
ଆଖଡ଼ା ଘରଟା କମ୍ପଇ
ଭକ୍ତଙ୍କ ମନରେ କେତେ ଉନ୍ମାଦନା
ଖୁସିର ଲହରୀ ଖେଳଇ

ଏବଠୁ ଖରାର ପ୍ରକୋପ ବଢିବ
ତାତି ସହି ହେବନାହିଁ
ପଖାଳ ତୋରାଣି ପିଇ ଛାଇ ତଳେ
ସମୟ ଦେବା ବିତାଇ

ସେଥିପାଇଁ ଗଛ ଲଗାଅରେ ଭାଇ
ବେଳୁ ହୁଅ ସାବଧାନ
ନୋହିଲେ ଖରାର ପ୍ରକୋପ ପାଇଁକି
ସହିବା ବହୁ କଷଣ

ପାଇବାନି ଟିକେ ସୁଶୀତଳ ବାୟୁ
ପାଇବାନି ଟିକେ ଛାଇ
ତହ ତହ ତହ ତାତିଲା ଖରାରେ
ବଞ୍ଚିବାରେ କଷ୍ଟ ସହି ।

ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

ରାମଚନ୍ଦ୍ର ବେହେରା

ନୂତନ ବରଷ ଆସିଛି ରାଇଜେ
ସୁନ୍ଦରୀ ଚଇତ ଅନ୍ତେ
ବିଷୁବ ରେଖାରେ ତପନଙ୍କ ବାସ
ଧରଣୀ କମ୍ପେ ତପତେ
ଗ୍ରୀଷମ ଋତୁକୁ ନେଇ
ବିଷୁବ ସଂକ୍ରାନ୍ତି ଆସିଛି ମରତେ
ଖୁସିର ପସରା ନେଇ
ବୈଶାଖର ଏହି ପବିତ୍ର ପରବ
ଆସିଛି ପହିଲି ଦିନ
ତାପ ନିବାରଣେ ଜଳଛତ୍ର ଶୋହେ
ହୁଏ ପୁଣ୍ୟ ଜଳଦାନ
ବିଷୁବ ପରବ ନାମେ
ସଭିଏଁ ପାଳନ୍ତି ଏ ମହାନ ପର୍ବ
ଶ୍ରଦ୍ଧାଭାବ ରଖି ମନେ
ଅସହ୍ୟ ଗରମ ଝାଂଜିର ପ୍ରବାହ
ଦୁଃଖଦିଏ ଅପ୍ରମିତ
ସାରା ଶକ୍ତିପୀଠ ଲୋକାରଣ୍ୟ ହୁଏ
ଶୋଭାପାଏ ଝାମୁ ଯାତ
ପାଟୁଆ କରନ୍ତି ନୃତ୍ୟ
ଜଳନ୍ତା ନିଆଁରେ ଶ୍ରଦ୍ଧାରେ ଚାଲନ୍ତି
ଅନ୍ତ ହୁଏ ତାଙ୍କ ବ୍ରତ
ସାରା ଦେବାଳୟେ ଭକ୍ତଙ୍କ ଗହଳି
ଦିଶେ ଉତ୍କଳ ଭୂଇଁରେ
ଛତୁଆ ନଡ଼ିଆ କଦଳୀ ଛେନାରେ
ପଣା ଲଗାନ୍ତି ଶ୍ରଦ୍ଧାରେ
ତାପରୁ ବଂଚିବା ପାଇଁ
ପବନ ସୁତଙ୍କ ଜୟନ୍ତୀ ପାଳନ୍ତି
ରାଇଜେ ଭଉଣୀ ଭାଇ
ଆମରି ସଂସ୍କୃତି ଆମ ପରମ୍ପରା
ସାରା ଦେଶରେ ନିଆରା
ଏହିଦିନ ଝୁଲେ ବସନ୍ତରା ଠେକି
ହସଇ ଧର୍ମ ଚଉଁରା
ଝରେ ବୁନ୍ଦା ବୁନ୍ଦା ପାଣି
ଜଳର ପରଶେ ହସି ଉଠେ ଆମ
ଚଉଁରା ତୁଳସୀ ରାଣୀ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬

## ଯୁଦ୍ଧ

ସୁଶ୍ରୀ କାଦମ୍ବରୀ ମହାଖୁଡ଼

ସଂଘର୍ଷ ଜୀବନର ବାସ୍ତବ ଅବାସ୍ତବର
ପଥହୀନ ବିମୋହିତ ମୋହ ଅହଂକାରର
ହୃଦୟ ବିମୂଢ଼ ଯୁକ୍ତି ଯୁକ୍ତ ପ୍ରଯୁକ୍ତି ସ୍ୱର
ଲୌହ ବିମାର୍ଗ ଅଧିକ ଅଦେଖା ଯନ୍ତ୍ରଣାର

କେବେ ସମ୍ପର୍କର କେବେ ରୁଦ୍ଧ ରାଜନୀତିର
ପ୍ରକମ୍ପିତ ଆନ୍ଦୋଳନ ପ୍ରଣୟ ମସ୍ତିଷ୍କର
କେଇଟା ତଲୱାର ଅବା ବାରୁଦ ବନ୍ଧୁକର
ନିତି ନୂତନ କୁରୁକ୍ଷେତ୍ର ନ୍ୟାୟ ଅନ୍ୟାୟର

ଶତ୍ରୁତା ଶାସନ ବଳ କଷାଘାତ ସମର
ସ୍ଥିତିରୁ ଅବସ୍ଥିତି ବିରୁଦ୍ଧ ପରସ୍ପରର
ଦ୍ୱନ୍ଦ୍ୱ, ନିର୍ଦ୍ୱନ୍ଦ୍ୱ କୃତ୍ରିମ ଅକୃତ୍ରିମ ଦୁର୍ଗର
ଆଶାରୁ ଢେର ଅଧିକ ପ୍ରୟାସ ପ୍ରଲୋଭର

କେବେ ଆନ୍ଦୋଳିତ ମନ ଦୁଶ୍ଚିନ୍ତ ଚିନ୍ତନର
କେତେ କଥା ଦିଆନିଆ ପ୍ରଲମ୍ବ ପ୍ରସ୍ତାବର
ଋତୁହିନ ଦିଗନ୍ତରୁ ଦିଗନ୍ତ ସେ ତୃଷ୍ଣାର
ଶବ୍ଦରେ ଅବା ନିଶବ୍ଦ ମହାକାବ୍ୟ ଲଢ଼େଇର

ଯୁଦ୍ଧ ଏକ ପ୍ରଜ୍ଞ ପ୍ରୟାସ ଜୟ ବିଜୟର
ଉଦାହରଣେ ଦ୍ରୌପଦୀଙ୍କ ବସ୍ତ୍ର ହରଣର
ଯୁଦ୍ଧ ନୁହେଁ ଏ ତ ଧର୍ମ ଅଧର୍ମ ଲଢ଼େଇର
ସର୍ବଦା ଜିଭରେ ଲଟପଟ ଶବ୍ଦ ବାଣର

ଯୁଦ୍ଧ ର ପ୍ରାରମ୍ଭ ସଦା ଶବ୍ଦ ବାଣର ....

ଗୁଡ଼ିଆନାଳୀ, ଢେଙ୍କାନାଳ
ଦୂରଭାଷ -୮୯୦୮୪୧୪୯୭୯

## ଜଳ-ସମାଧି

ପ୍ରମୋଦ କୁମାର ମହାପାତ୍ର

ହଜିଛି ପରାଣ କବନ୍ଧ ପଡ଼ିଛି ରହି,
ଜଳ-ସମାଧିରେ ଅତୀତର ସ୍ମୃତି ବାହୁନି କାନ୍ଦୁଛି ନଈ

ସୁନାର ଫସଲ କରିଛି ଅମଳ ଚଷୀ ମନ ଭାରି ଖୁସି,
ଅଧୁରା ସପନ, ପକ୍ଷୀ ନୀଡ଼ ଛିନ୍ନ, ସୁଖ ରହିଲାନି ବେଶି,
ଆପଣା ହରାଇ ବିସ୍ଥାପିତ ହୋଇ କେଉଁ ଆଡେ ଯିବ ଧାଇଁ !

ଆକାଶରେ ରବି ଦେଖେ ନିଜ ଛବି ପଦୁଅଁ ପୋଖରୀ ନୀରେ,
ଗୋଧୂଳି ଲଗନେ, ହରଷ ମଗନେ, ଗାଈଆଳ ଫେରେ ଘରେ,
ଉଜୁଡ଼ି ଯାଇଛି ଥିଲା ଯାହା କିଛି ହତାଶାର ଅନ୍ତ ନାହିଁ

ତେଜି ମାୟା ମୋହ ଏହି ଗାଁ' ଝିଅ ବାହା ହୋଇଯାଏ ଚାଲି
ଅଜଣା ସଂସାରେ, ଅଚିହ୍ନା ସାଥିରେ ବାପା ଦେଇଥିଲେ ଠେଲି,
ଉଦାସ ତା' ଆଖି ଆଜି ବି ଖୋଜୁଛି କାହିଁ ସେଇ ପ୍ରିୟ ଭୂଇଁ!

କାହା ପୁଷ ମାସ, କାହା ସର୍ବନାଶ କପାଳରେ କି'ବା ଲେଖା
ଖରା ଛାଇ ପରି ବଦଳେ କିପରି ମଣିଷର ଭାଗ୍ୟ ରେଖା,
ଭଉଁରୀ ମୁହଁରେ, ଉଜାଣି ସୁଅରେ ମଣିଷର ଥୟ କାହିଁ?

କଳାପାଣି, ବରଗଡ
ମୋ - ୯୪୩୭୫୭୮୩୧୧

## ଆହୁରି ରହିଛି ବାକି

ଶରତ ଦାଶ



ଦେବାରେ ଯେଉଁଠି ମିଳଇ ଆନନ୍ଦ
ନେବାରେ ନ ଥାଏ ମନ
ସେଇଠାରେ ପ୍ରୀତି ପୁଷ୍ପ ପ୍ରସ୍ଫୁଟିତ
ସୁଗନ୍ଧେ କରି ତଲ୍ଲୀନ

ଜୀବନ ଅସାର ମୂଲ୍ୟ ଜିଇବାର
ନାହିଁ କିଛି ପ୍ରୀତି ଯଦି
ଜୀବନର ପଥେ କେବେ ଥରେ ଅଧେ
ନ ଦେଇଛି ପାଦ ଛନ୍ଦି

ପଙ୍କିଳ ସଂସାରେ ପାପ ସରୋବରେ
ପ୍ରେମ କମଳିନୀ ପରି
ଅତୀବ ପବିତ୍ର ଅତି ମନୋହର
ନାହିଁ କେହି ସମସରି

ଜୀବନ ସରଣୀ ସରି ତ ଯାଇନି
ଆହୁରି ରହିଛି ବାକି
କିଛି କାଳ ସିନା ହୋଇଛି ଅତୀତ
ପ୍ରେମ ତ ଯାଇନି ଶୁଖି

ବୟସ କି ମନେ ରଖେ ଆୟୁଷର
ସାମଗ୍ରିକ ସୀମାରେଖା

ମନ କି ମାନଇ ବିବେକ ନିର୍ଦ୍ଦେଶ
ହୋଇ ରହିବାକୁ ବୋକା

ପ୍ରେମ କି ମାନଇ କାହା ନାଲିଆଖି
ସମାଜ ବାଧା ବନ୍ଧନ
ପ୍ରୀତିର ସ୍ରୋତରେ ଗଲାପରେ ଭାସି
ଅସମ୍ଭବ କୂଳେ ସ୍ଥାନ

ହେ ରଙ୍ଗାଚରଣ କରେ ନିବେଦନ
ପ୍ରେମରେ ନ କର ଊଣା
କିଛି ମାଗୁନାହିଁ କିଛି ଚାହୁଁନାହିଁ
ଆଶ୍ରା ତୁମରି କରୁଣା ।

ଭୁବନେଶ୍ୱର



## ଅରୂପ ଶକ୍ତି...

ଲକ୍ଷ୍ମୀପ୍ରିୟା ପୃଷ୍ଟି

ଶେଷ ଶ୍ରାବଣର ମହ୍ଲାରରେ ତୁମେ ଆଶିଷର ଗୁଞ୍ଜରଣ
ସୀମାହୀନ ଏଇ ତୃଷ୍ଣା କାନନେ ତୁମେ ମିଠା ସମୀରଣ
ଶିଖା ସମ ତୁମେ ହୃଦୟ କନ୍ଦରେ ନିରତରେ ଜଳୁଥାଅ
ସରି ଯାଇଥିବା ଦୀପର ତଇଳେ ସାଜି କରୁଣାର ଦିଅଁ

ଶବ୍ଦର ତୁମେ ଚାରୁ ଶୃଙ୍ଗାର ଭାବର ଅମୃତପଣ
ସୁବର୍ଣ୍ଣ ସକାଳ ତୁମ ଛାୟାରେଖ ଅପୂରୁବ ମନୋରମ
ସୃଜନ ସ୍ୱାକ୍ଷରେ ତୁମେ ସାଜ କେବେ କମନୀୟ କୋଟିକାନ୍ତି
ସଜଳ କଜଳ ବର୍ଣ୍ଣମାଳାର କେବେ ସତ୍ୟ କେବେ ଭ୍ରାନ୍ତି

ସତ୍ତ୍ୱ, ରଜ, ତମ ତ୍ରିଗୁଣରେ ତୁମେ ଅରୂପ ଶକ୍ତିଟିଏ
ସଲିଳରେ ପ୍ରାଣ ବୀଜରେ ଜୀବନ ତୁମ କରୁଣାରୁ ପାଏ
ସେବାରେ, ତ୍ୟାଗରେ, ଦାନରେ, ଧର୍ମରେ ତୁମେ ମରମର ରୂପ
ସୁଖ ଓ ଶାନ୍ତିର ପ୍ରଚ୍ଛନ୍ନରେ ତୁମେ ଐଶ୍ୱର୍ଯ୍ୟର ଭିନ୍ନ ଛାପ

ଶକ୍ତି ପାଇଁ ତୁମେ ଆଦ୍ୟମାତା ସାଜି କରୁଣାକୁ ଦିଅ ବଢ଼ାଇ
ସାରା ଦୁନିଆଟା ଖେଳାଅ ଏମିତି ଅଦୃଶ୍ୟ ଶକତି ହୋଇ ।

ଅଧ୍ୟାପିକା, ଦଶରଥପୁର, ଯାଜପୁର-୭୫୫୦୦୬
ଫୋନ-୭୩୭୭୩୧୮୭୮୯

## ମୋ ହୋଲି

ବିନୟାନନ୍ଦ ବସ୍ତ୍ୟସ୍ୟ



ଯୌବନ ରଙ୍ଗ ରଙ୍ଗୀନ ସପନ
ଭାରି ଭଲ ଲାଗେ ସିନା,
ଚମ ଧୁଡୁ ଧୁଡୁ ଶୁଷ୍କ ଶିରାଳ
ମନୁ ତୁଟିବ ବାସନା,
ସେଥିପାଇଁ ଲାଗେ ଡର,
ତୁଚ୍ଛାକୁ ମଣିଷ ଅଙ୍ଗରମତା ଯେ
ସମୟକୁ ନାହିଁ ଡର

ବଞ୍ଚିଥିବା ଯାଏଁ ଜୀବନର ରଙ୍ଗ
ଦେଖିବାକୁ ହୋଇଥାଏ,
ଶୈଶବ କୈଶୋର ପ୍ରୌଢ଼ ବୃଦ୍ଧ କାଳ
ଏ ମଣିଷ ଭୋଗିଥାଏ,
ଏହା ସତ୍ୟ ଚିରନ୍ତନ,
ଭୟ କରିବାର ମାନସିକତାରେ
ଦୁଃଖ ଆସେ ଘନ ଘନ

ହୃଦୟ ସହିତ ଖେଳ ଖେଳିଥିବା
ପଳାତକ ଚରିତ୍ରକୁ,
ସରଳ ମଣିଷ କେମିତି ଭୁଲିବ
ଭୋଗିଥିବା ଯନ୍ତ୍ରଣାକୁ,
ରେଙ୍ଗୀ ଜୀବନ ନେଇ,
ବଞ୍ଚିଥିବ ଯାହା ବହଳିଆ ମୁହେଁ
ହୃଦୟରୁ ମରିଯାଇ

ଆଣ୍ଠୁ ଗଣ୍ଠି ପିଠି ମେରୁ ହାଡ ବଙ୍କା
ନିଶ୍ଚେ ହୋଇଯିବ ଦିନେ,
ଫଗୁଣ ମଧୁର ମଳୟ ବି କିଛି
ରଖିବନି ତାର ମାନେ,
କହିବାରେ କିସ ଲାଭ,
ଫଗୁଣ ଫେରିଯା ଫଗୁଣ ତୁ ଆସେ
ତୁଚ୍ଛାକୁ ଏ ପରାଭବେ

ଶୁଖିବନି ଯଦି ପୁରୁଣା ଘାଆ ସେ
କାରଣ ତ ତାର ଅଛି,
ସେ କ୍ଷତ ଗଭୀର ଉପଶମ ତାର
ହୋଇନାହିଁ ଠିକ କିଛି,
ଯଦି ଶୁଖିଯିବ ଘାଆ,
ଚିହ୍ନ ତାର ନିଶ୍ଚେ ମନେ ପକାଇବ
ଅତୀତକୁ ଖାଲି ଯାହା

ଚର୍ଚ୍ଚିତ ଚିହ୍ନରେ ପ୍ରତାରଣା ଦୁଃଖ
ଭରିଥିବ ହୃଦୟରେ,
କଳ୍ପନା ଛଳନା ରଙ୍ଗ ବୋଲି କେତେ
ଶୁଖାଇବ ସହଜରେ,
ଯେତେ ଯତ୍ନକଲେ ତାର,
କେବେ ଲିଭିବନି ହୃଦୟର ଦାଗ
ଦିଶୁଥିବ ବାର ବାର

ଭାଳିଭାଳି ଖାଲି ଦୀର୍ଘଶ୍ୱାସ ବିନା
ଉପଶମ ତାର କାହିଁ,
ଫଗୁଣରେ ପ୍ରେମ ମଳୟର ଗନ୍ଧ
କିଛି କାମ ଦେବ ନାହିଁ,
ଘୃଣା ଅସୂୟାର ରଙ୍ଗ,
କେଉଁ ହୋଲି କାହିଁ ଛଡାଇ ଲଗାଇ
ଦେଇପାରେ କେଉଁ ରଙ୍ଗ

ନାହିଁ କିଛି ଲାଭ ବରଷକେ ଥରେ
ଲୋଡି ଦିନିକିଆ ରଙ୍ଗ,
ସକାଳ ନ ଥିବା ରାତି ଯାର ସାଥୀ
ଅନ୍ଧାର ଯା ଅନ୍ତରଙ୍ଗ,
ବିରହ ନ ସରେ ତାର,
ଗାଉଥିବ ଛିନ୍ନ ବୀଣାରେ ନିୟତ
ଭଗ୍ନ ତାର କଣ୍ଠ ସ୍ୱର ।

## ମୋ ଗାଆଁରେ ସନ୍ଧ୍ୟା

ଡଃ ସନ୍ତୋଷ କୁମାର ପଣ୍ଡା



ଗନେଇ ଛାଡ଼ିଣ ଗୋରୁଙ୍କୁ ଗୁହାଳେ
ଗୋବର ଗାଣ୍ଡୁଆ ଥୋଇ,
ଗୋଡ଼ ହାତ ଧୋଇ ଗାମୁଛାଟେ ନେଇ
ଗଲା ଟୁଙ୍ଗୀ ଆଡ଼େ ଧାଇଁ
ସଞ୍ଜୁ ବୋହୂ ସେଣେ ସଞ୍ଜବତୀଟିଏ
ସଜଉଛି ସରାଗରେ,
ସରୁ ଓଢ଼ଣାଟେ ଶିରେ ଟାଣି ଦେଇ
ଶୁଭ ଶଙ୍ଖ ବଜାଏରେ
ପଢ଼ାଘରେ ପିଙ୍କୁ ପଣକିଆ ଡାକେ
ପ୍ରାର୍ଥନାର ପରେ ପରେ,
ପିଠଉ ଆଣକୁ ପଲମରେ ଢାଳି
ପିଠା ଜେଜେମାଆ କରେ
ନୀଳ ନଭ ଏବେ ନକ୍ଷତ୍ର ଜ୍ୟୋତିରେ
ନଗର ପରି ଦିଶଇ,
ନୀଳକଇଁ ଦେଖ ନବ ପ୍ରସ୍ଫୁଟିତ
ନାଚେ ଚନ୍ଦ୍ରମାକୁ ଚାହିଁ ।



ପ୍ରଧାନାଚାର୍ଯ୍ୟ ଓ ପ୍ରକଳ୍ପ ପ୍ରମୁଖ, ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ,
ଗତିରାଉତପାଟଣା, କଟକ



## ପୂର୍ବ ପିଢ଼ି

ସଦାଶିବ ବିଶ୍ୱାଳ

ଗଛର ଶୁଖିଲା ପତ୍ର ସେମାନେ ଝଡ଼ାଇବାରେ କଷ୍ଟ କରନାହିଁ
ଯାହା କିଛି ଦିନ ପରେ ଆପେ ଝଡ଼ିଯିବ
ବସିବା ଅଭ୍ୟାସ କର କିଛି ବୟସ୍କଙ୍କ ପାଶେ
ଦିନେ ଆପେ ଯାହାର ପାଟି ବନ୍ଦ ହୋଇଯିବ

ଖର୍ଚ୍ଚ କରିବାକୁ ବେହିସାବ ଦିଅ ସେମାନଙ୍କୁ,
ଯିଏ ଦିନେ ତୁମ ପାଇଁ ସବୁ ଛାଡ଼ିଯିବେ
ମଝିରେ ରୋକ ନାହିଁ ବାରମ୍ବାର ତାଙ୍କୁ କହିବାକୁ, ଯିଏ
ଦିନେ ସଦାକାଳ ଆପେ ଆପେ ଚୁପ୍ ହୋଇଯିବେ

ସେମାନଙ୍କ ଆଶୀର୍ବାଦ ମୁଣ୍ଡ ଉପରେ ନେଇ ନେଇ ଚାଲ
ନଚେତ, ସେମାନେ କାନ୍ଥରେ ଫଟୋ ହୋଇଯିବେ
ଖୁଆଅ ସେମାନଙ୍କୁ ସେମାନଙ୍କ ମନ ପସନ୍ଦର ଏବେ
ନଚେତ, ଶ୍ରାଦ୍ଧଦେଲେ ବି ଖାଇବାକୁ ଭୁଲିଯିବେ ।



କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୩୦

# ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଭାରତକୁ ଝଟ୍‌କା, ବ୍ୟକ୍ତିଗତ କାରଣରୁ ପଦ ଛାଡ଼ିଲେ ମେରୀ କମ୍



**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଭାରତକୁ ବଡ଼ ଝଟ୍‌କା ଦେଶର କିମ୍ବଦନ୍ତୀ ବକ୍ସର ତଥା ଛଅ ଥରର ବିଶ୍ବ ଚାମ୍ପିଅନ୍ ମେରୀ କମ୍ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ଦଳ ମୁଖ୍ୟ (ଶେଫ ଡି ମିଶନ୍) ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଟିମ୍‌ର ସବୁ ଦାୟିତ୍ୱ ବୁଝିବାକୁ (ଶେଫ ଡି ମିଶନ୍) ଭାବେ ନିଯୁକ୍ତି ମିଳିଥିଲା। ଭାରତୀୟ ଅଲିମ୍ପିକ ସଂଘ(ଆଇଓଏ) ମାର୍ଚ୍ଚ ୨୧ରେ ଶେଫ ଡି ମିଶନ୍ ଭାବରେ ତାଙ୍କୁ ନିଯୁକ୍ତ କରିଥିଲା। ମେରୀ କମ୍ ପଦରୁ ଇସ୍ତଫା ଦେବା ପଛରେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି ଏବଂ କହିଛନ୍ତି ତାଙ୍କ ପାଖରେ ଏହା ବ୍ୟତୀତ ଆଉ କିଛି ବିକଳ୍ପ ନାହିଁ। ୪୧ ବର୍ଷୀୟା ମେରୀ କମ୍ ଭାରତୀୟ ଅଲିମ୍ପିକ ଆସୋସିଏସନ ସଭାପତି ପି.ଟି. ଉଷାଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି। ସେପଟେ ଟିଟି ଖେଳାଳି ଶରତ କମଲ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ଧ୍ୱଜାବାହକ ରହିବେ।

# ବିରାଟ ଟି-୨୦ ବିଶ୍ୱକପ ଖେଳନ୍ତୁ ବୋଲି ଚାହାନ୍ତିନି ଗ୍ଲେନ ମ୍ୟାକ୍ସୱେଲ

**ନୂଆଦିଲ୍ଲୀ**



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ଆଇପିଏଲ ୨୦୨୪ସିଜିନ ମଧ ଫଳପ୍ରଦ ସାବ୍ୟସ୍ତ ହୋଇନାହିଁ। ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି ଭଲ ରନ ସ୍କୋର କରୁଥିଲେ ବି ଗ୍ଲେନ ମ୍ୟାକ୍ସୱେଲ ଆରସିବି ପାଇଁ ସବୁଠାରୁ ଦୁର୍ବଳ ଖେଳାଳି ବୋଲି ପ୍ରମାଣ କରିଚାଲିଛନ୍ତି। ଚଳିତ ସିଜନରେ ଏପର୍ଯ୍ୟନ୍ତ ୬ ଇନିଂସରେ ମାତ୍ର ୩୨ରନ ସ୍କୋର କରିଛନ୍ତି ମ୍ୟାକ୍ସୱେଲ, ସେଥିମଧ୍ୟରୁ ତାଙ୍କର ସର୍ବାଧିକ ସ୍କୋର ହେଉଛି ୨୮ରନ୍, ଯାହା ସେ କେକେଆର ବିପକ୍ଷ ମ୍ୟାଚ୍‌ରେ ସ୍କୋର କରିଥିଲେ।

ନିଜର ଏଭଳି ଖରାପ ପ୍ରଦର୍ଶନକୁ ନେଇ ମ୍ୟାକ୍ସୱେଲ ବିବାଦରେ ଥିବା ବେଳେ ବିରାଟଙ୍କୁ ନେଇ ସେ ଦେଇଥିବା ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଖେଳିଥିବା ସବୁ ଖେଳାଳିଙ୍କ ମଧ୍ୟରୁ ବିରାଟ ହେଉଛନ୍ତି ଜଣେ ଭଲ ଖେଳାଳି। ସେ ଚାପରେ ରହି ବି ଭଲ ପ୍ରଦର୍ଶନ କରିପାରନ୍ତି। ତାଙ୍କ କ୍ୟାରିୟର ଓ ତାଙ୍କ ରନ ଦେଖିଲେ ଆପଣ ଜାଣିପାରିବେ। ୨୦୧୬ରେ ମୋହାଲିରେ ହୋଇଥିବା ଟି-୨୦ ବିଶ୍ୱକପରେ ବିରାଟ ଯେଉଁଭଳି ଭାବେ ଖେଳିଥିଲେ, ତାହା ସବୁଠାରୁ ଉତ୍କୃଷ୍ଟ ଥିଲା। ତାଙ୍କର ପ୍ରଦର୍ଶନ ମ୍ୟାଚର ଗତିବିଧି ବଦଳାଇ ଦେଇଥିଲା। ତାଙ୍କ ଭଳି ଖେଳାଳିଙ୍କ ସହ ଖେଳିବା ଏବଂ ପ୍ରଶିକ୍ଷଣ ନେବା ନିହାତି ଭାବରେ ବଡ଼ କଥା। ହେଲେ ମୁଁ ତାଙ୍କ ବିପକ୍ଷରେ ଖେଳିବାକୁ ଚାହୁଁନାହିଁ। ତେଣୁ ସେ ଆଗାମୀ ଟି-୨୦ ବିଶ୍ୱକପ ଖେଳନ୍ତୁ ବୋଲି ମୁଁ ଚାହୁଁନାହିଁ।

## ବିଲି ଜିନ୍ କିଙ୍ଗ୍ କପ୍ : ଚାଇନିଜ୍ ତାଇପେକୁ ହରାଇଲା ଭାରତ

**ଚାଙ୍ଗସା।**



ଚଳିତ ବିଲି ଜିନ୍ କିଙ୍ଗ୍ କପ୍ ଏସିଆ/ଓସେନିଆ ଗ୍ରୁପ୍-୧ରେ ଭାରତ ପୁଣି ବିଜୟ ଧାରାକୁ ଫେରିଛି। ପାସିଫିକ୍ ଓସେନିଆକୁ ହରାଇବା ପରେ ଚୀନ୍‌ଠୁ ହାରିଥିବା ଭାରତ ଚାଇନିଜ୍ ତାଇପେକୁ ୨-୧ରେ ପରାସ୍ତ କରିଛି। ଫଳରେ ଭାରତ ୬ ଦଳୀୟ ପୁଲ୍-ଏରେ ୨ ବିଜୟ ଓ ୧ ପରାଜୟ ସହ ତୃତୀୟ ସ୍ଥାନରେ ରହିଛି। ଋତୁଜା ଭୋସ୍‌ଲେ ୬-୩, ୬-୨ରେ ହାଓ ଚିଙ୍ଗ ଚାନ୍‌ଙ୍କୁ ହରାଇ ଭାରତକୁ ଅଗ୍ରଣୀ ଦେଇଥିଲେ। ତେବେ ଦ୍ୱିତୀୟ ଏକକରେ ଅଙ୍କିତା ରାଇନା ୬-୨, ୪-୬, ୪-୬ରେ ଏନ୍ ସୁଓ ଲିଆଙ୍ଗଙ୍କଠୁ ହାରିଯିବାରୁ ସ୍ଥିତି ସମାନ ହୋଇଥିଲା। ନିର୍ଣ୍ଣାୟକ ଯୁଗଳ ମ୍ୟାଚ୍‌ରେ ଅଙ୍କିତା ଓ ପ୍ରାର୍ଥନା ଥୋମ୍ବାରେ ୪-୬, ୬-୧ (୧୫-୧୩)ରେ ଜିତି ଭାରତକୁ ବିଜୟ ଦେଇଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର କୋରିଆକୁ ଭେଟିବ।

# ଅନ୍ୟ ଫ୍ରାଞ୍ଚାଇଜ୍ ରୋହିତଙ୍କୁ ଅଧିନାୟକ ଭାବେ ଆଦରି ନେବେ : ରାୟୁଡୁ

**ମୁମ୍ବାଇ**



ଚଳିତ ଆଇପିଏଲ୍ ପୂର୍ବରୁ ସବୁଠାରୁ ଅଧିକ ଚର୍ଚ୍ଚା ହୋଇଥିଲା ମୁମ୍ବାଇ ଇଣ୍ଡିଆନ୍‌ସର ନେତୃତ୍ୱ ପରିବର୍ତ୍ତନକୁ ନେଇ। ଦଳକୁ ଯୁଗ୍ମ ସର୍ବାଧିକ ୫ ଥର ଚାମ୍ପିଅନ କରିଥିବା ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍‌ସରେ ଥିଲେ ମଧ ଗୁଜରାଟ ଟାଇଟାନ୍‌ସରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଣି ତାଙ୍କୁ ମୁମ୍ବାଇ ଦଳର ନେତୃତ୍ୱ ପ୍ରଦାନ କରିବାକୁ ଅନେକ କ୍ରିକେଟ୍ ବିଶେଷଜ୍ଞ ଓ କ୍ରିକେଟ୍‌ପ୍ରେମୀ ସହଜରେ ଗ୍ରହଣ କରି ପାରିନଥିଲେ। କାରଣ ରୋହିତ ଶର୍ମା ହେଉଛନ୍ତି ଭାରତୀୟ ଦଳର ଅଧିନାୟକ। ହାର୍ଦ୍ଦିକଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍‌ସ ପ୍ରଥମ ୩ଟିଯାକ ମ୍ୟାଚ୍ ହାରିବା ପରେ ହାର୍ଦ୍ଦିକଙ୍କ ଉପରେ ଦର୍ଶକଙ୍କ ଆକ୍ରୋଶ ଆହୁରି ବଢ଼ିଯାଇଥିଲା। ପୁଣି ଆସନ୍ତା ସଂସ୍କରଣରେ ରୋହିତ ଅନ୍ୟ ଫାଞ୍ଚାଇଜିକୁ ଚାଲିଯିବେ ବୋଲି ଆଲୋଚନା ଯେପରି ନିଆଁ ଉପରେ ଘିଆ ଢାଳିଥିଲା। ଉଭୟ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଘୋଷଣା କରି ସାରିଲେଣି ଯେ ରୋହିତ ସେମାନଙ୍କ ଦଳରେ ସାମିଲହେଲେ ଦଳକୁ ଅଧିକ ଶକ୍ତିଶାଳୀ କରିବ। ମୁମ୍ବାଇ ଇଣ୍ଡିଆନ୍‌ସର ଏହି ନେତୃତ୍ୱ ବିବାଦ ଚର୍ଚ୍ଚାରେ ସାମିଲ ହୋଇଛନ୍ତି ପୂର୍ବତନ ଭାରତୀୟ ଓ ମୁମ୍ବାଇ ଇଣ୍ଡିଆନ୍‌ସର ବ୍ୟାଟ୍‌ସମ୍ୟାନ ଅମ୍ବାତି ରାୟୁଡୁ। ତାଙ୍କ ଅନୁସାରେ, ନେତୃତ୍ୱ ପରିବର୍ତ୍ତନ କରି ମୁମ୍ବଇ ଇଣ୍ଡିଆନ୍‌ସ ରୋହିତଙ୍କ ସହ ସଠିକ ଆଚରଣ ଦେଖାଇ ନାହିଁ।

ତେବେ ଏହା ରୋହିତ ଶର୍ମାଙ୍କ ନିଷ୍ପତ୍ତି ଯେତେବେଳେ ସେ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବାର ନିଷ୍ପତ୍ତି ନେବେ; ସେ ଯାଇପାରନ୍ତି। ସମସ୍ତ ଆଇପିଏଲ୍ ଦଳ ରୋହିତଙ୍କୁ ଅଧିନାୟକ ଭାବେ ସାଦରେ ଗ୍ରହଣ କରିନେବେ। ମୁଁ ନିଶ୍ଚିତ ଯେ ରୋହିତ ଆସନ୍ତାବର୍ଷ ଏପରି ଏକ ଫ୍ରାଞ୍ଚାଇଜିକୁ ଯିବେ; ଯିଏ ତାଙ୍କୁ ସଠିକ୍ ସମ୍ମାନ ଦେଖାଇବ। ନିଶ୍ଚିତ ଭାବେ ମୁମ୍ବଇ ଇଣ୍ଡିଆନ୍‌ସ ଯେପରି ତାଙ୍କ ପ୍ରତି ଆଚରଣ ଦେଖାଇଛି; ତା'ଠାରୁ ନିଶ୍ଚିତ ଭଲ ଆଚରଣ ଦେଖାଇବେ।

# ୯୦+ ମିଟର ଓ ପଦକ ପଛରେ ପଡ଼ି ଚାପରେ ରହିବାକୁ ଚାହୁଁନି : କିଶୋର

**ଭୁବନେଶ୍ବର**



ପ୍ରତି ଖେଳାଳିଙ୍କ ସ୍ୱପ୍ନ ଥାଏ ଭଲ ପ୍ରଦର୍ଶନ ଦେଇ ଅଲିମ୍ପିକ୍ସରେ ଭାଗନେବେ। ମଧ୍ୟବିତ୍ତ କି ଗରିବ ପରିବାରରୁ ଆସିଥିବା ଖେଳାଳିର ସ୍ୱପ୍ନ ଏହା ଥିଲେ ମଧ ପରିବାର ପ୍ରତିପୋଷଣ ଲାଗି ରୋଜଗାର ଚିନ୍ତା ବେଶି ଥାଏ। ଏଭଳି ଭାବନା ରଖିଥିଲେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଓଡ଼ିଆ ଜାଭଲିନ୍ ତାରକା କିଶୋର କୁମାର ଜେନା। କିଶୋରଙ୍କୁ ତାଙ୍କ ବୃତ୍ତିଗତ ସଂସ୍ଥା ସିଆଇଏସ୍‌ଏଫ୍‌ର ଜଣେ ପ୍ରଶିକ୍ଷକ ଆଗକୁ ବଢ଼ିବାର ବାଟ ଦେଖାଇଥିଲେ। କହିଥିଲେ ୭୫ ମିଟର ଜାଭ୍‌ଲିନ୍ ଫିଙ୍ଗ ଏବଂ ଶିବିରକୁ ଯାଅ। ଏହି ସମୟରେ ନୀରଜ ଚୋପ୍ରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିଲେ। ପ୍ରଶିକ୍ଷକଙ୍କ ପରାମର୍ଶ ଏବଂ ନୀରଜଙ୍କ ସ୍ୱର୍ଣ୍ଣ, କିଶୋରଙ୍କୁ ପରିବାରକୁ ପଛରେ ପକାଇ ଖେଳିବା ଲାଗି ପ୍ରେରଣା ଦେଇଥିଲା। ୨୦୨୧ରେ ପଟିଆଲାସ୍ଥିତ ଜାତୀୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଲେ। ସେହି ଦିନଠୁ ପ୍ରାୟ ଦୁଇ ବର୍ଷ ଘରକୁ ଆସିପାରି ନଥିଲେ। ସେ ଏହା ଭିତରେ ନିଜର ଖେଳକୁ ଶାଣିତ କରି ଏସିଆଡ୍ ରୌପ୍ୟ ଓ ବିଶ୍ୱ ଦୌଡ଼କୁଦରେ ବ୍ୟକ୍ତିଗତ ଶ୍ରେଷ୍ଠ ସହ ଅଲିମ୍ପିକ୍ସ ଟିକେଟ୍ ମଧ ହାତେଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ। ପୁରୀ ଜିଲ୍ଲା ବ୍ରହ୍ମଗିରି କୋଠସାହିର ହରପ୍ରିୟା ଓ କେଶବ ଜେନାଙ୍କ ସାନ ପୁଅ କିଶୋର।

କିଶୋର କହିଛନ୍ତି ଆମ ପରିବାରରେ ୬ ଭଉଣୀରେ ମୁଁ ଗୋଟିଏ ପୁଅ। ପୁଣି ସାନ ପରିବାର ଆର୍ଥିକ ଅବସ୍ଥା ସେତେଟା ଭଲ ନୁହେଁ ବାପାଙ୍କୁ ୮୬, ମା'ଙ୍କୁ ୭୬ ବର୍ଷ ବୟସ। ମୋ ଉପରେ ପରିବାରର ଚାପ ଚାକିରି ପାଇବା ପରେ ଭାବିଥିଲି। ଖେଳ ଛାଡ଼ି ପରିବାର କଥା ବୁଝିବି। ଆମ ବିଭାଗରେ ଜଣେ ପ୍ରଶିକ୍ଷକଙ୍କ ପରାମର୍ଶ ଏବଂ ନୀରଜଙ୍କ ସ୍ୱର୍ଣ୍ଣ ମୋତେ ଖେଳକୁ ଟାଣିଥିଲା। ବାପା, ମା' ବି ଏଥିରେ ସହଯୋଗ କଲେ। ଏହା ପରେ ମୁଁ ଖେଳରେ ମନ ଦେଲି। ଭୁବନେଶ୍ୱରରେ ଆୟୋଜିତ ଟ୍ରାଏଲ୍‌ସରେ ୭୬.୪ ମିଟର ଜାଭଲିନ ଫିଙ୍ଗିବା ପରେ ଜାତୀୟ ଓପନ୍ ଦୌଡ଼କୁଦରେ ୭୩ ମିଟର ପିଙ୍ଗିଥିଲି। ଜାଭ୍‌ଲିନ୍ ଚ୍ୟାଲେଞ୍ଜରେ ୭୪ ମିଟର ଫିଙ୍ଗି ସ୍ୱର୍ଣ୍ଣ ଜିତିବା ମୋତେ ଉତ୍ସାହିତ କରିଥିଲା। ଗତ ବର୍ଷ କିଶୋରଙ୍କ ପାଇଁ ଭଲ ଋତୁ ଥିଲା। ଏହି ବର୍ଷ ସେ ୩ ଥର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ଜୁଲାଇରେ ଲେବାନନ ଜାତୀୟ ଦୌଡ଼କୁଦରେ ସ୍ୱର୍ଣ୍ଣ ଜିତିବା ପରେ ଶ୍ରୀଲଙ୍କା ଜାତୀୟ ଦୌଡ଼କୁଦରେ ବ୍ୟକ୍ତିଗତ ଶ୍ରେଷ୍ଠ (୮୪.୩୮ ମିଟର) ସହ ସ୍ୱର୍ଣ୍ଣ କରାୟତ୍ତ କରିଥିଲେ। ଅଗଷ୍ଟରେ ବୁଦାପେଷ୍ଟ ବିଶ୍ୱ ଦୌଡ଼କୁଦରେ ନୂଆ ବ୍ୟକ୍ତିଗତ ଶ୍ରେଷ୍ଠ (୮୪.୭୭ ମିଟର) ପ୍ରଦର୍ଶନ ଦେଇଥିଲେ। ହାଁଝେ ଏସୀୟ କ୍ରୀଡ଼ାରେ ୮୭.୫୪ ମିଟର ସହ ବ୍ୟକ୍ତିଗତ ଶ୍ରେଷ୍ଠ ସଫଳତା ପାଇବା ପରେ ନୀରଜଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲେ ଏବଂ ପ୍ୟାରିସ ଟିକେଟ୍ ନିଶ୍ଚିତ କରିଥିଲେ।

ଅଲିମ୍ପିକ୍ସ ଖେଳିବା ଓ ପଦକ ଜିତିବା ସମସ୍ତଙ୍କ ସ୍ୱପ୍ନ ଥାଏ। ଏହି ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏଥିଲାଗି ମୁଁ ଉତ୍ସାହିତ ସେଠାରେ କୌଣସି ଚାପ ନ ନେଇ ଶ୍ରେଷ୍ଠ ଦେବାକୁ ଚାହିବି। କିନ୍ତୁ ୯୦+ ମିଟର କିମ୍ବା ପଦକ ପଛରେ ପଡ଼ି ଚାପ ନେବାକୁ ଚାହୁଁନି। ଉଚ୍ଚସ୍ତରର ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବି। ଏଥିପାଇଁ ପ୍ରସ୍ତୁତ ଅଛି ଏବଂ ବ୍ୟକ୍ତିଗତ ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିବି। ଅଲିମ୍ପିକ୍ସ ପୂର୍ବରୁ ଡାଇମଣ୍ଡ ଲିଗ୍ ରହିଛି। କିନ୍ତୁ ଅଲିମ୍ପିକ୍ସ ଆମର ମୁଖ୍ୟ ଲକ୍ଷ୍ୟ ସଂପ୍ରତି ପଟିଆଲାରେ ଅଭ୍ୟାସ ଭଲରେ ଚାଲିଛି। ଏଠାରେ ବିଶ୍ୱସ୍ତରୀୟ ସୁବିଧା ଥିବାରୁ ବିଦେଶରେ ତାଲିମର ଆବଶ୍ୟକତା ପଡ଼ିନି। କିନ୍ତୁ ପଟିଆଲାରେ ତାପମାତ୍ରା ୨ ଡିଗ୍ରୀରୁ କମ୍ ରହିବାରୁ ଆମେ କିଛି ଦିନ ଅଷ୍ଟ୍ରେଲିଆରେ ଅଭ୍ୟାସ କରିଥିଲୁ। ସେଠାକୁ ଯେଉଁ ଆଶା ନେଇ ଯାଇଥିଲୁ ତାହା ସଫଳ ହୋଇଛି। ନୀରଜ ମୋତେ ଅନେକ ଉପଦେଶ ଦିଅନ୍ତି। ଠିକ୍ ଭୁଲ୍ ବୁଝାନ୍ତି। ଭାରତ ସରକାର ପଟିଆଲାରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ବ୍ୟବସ୍ଥା କରିଛନ୍ତି, ଯାହା ଖେଳାଳିମାନଙ୍କୁ ସହଯୋଗ କରୁଛି। ସେହିଭଳି ଓଡ଼ିଶା ସରକାର ମୋତେ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିବା ସହ ସବୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଉଭୟ ସରକାରଙ୍କୁ ଧନ୍ୟବାଦ ଦେବି। ସଂପ୍ରତି ଜାଭଲିନ୍‌ର ଲୋକପ୍ରିୟତା ବଢ଼ିବାକୁ ଲାଗିଛି। ଗାଁ ଗାଁରେ ଜାଭ୍‌ଲିନ୍ ଖେଳ ଦେଖିବାକୁ ମିଳୁଛି। ଆମର ସଫଳତା ଦେଖି ଆଗାମୀ ଦିନରେ ନିଶ୍ଚିତ ଭାରତରୁ ଅନେକ ଖେଳାଳି ବାହାରି ପାରିବେ ବୋଲି କହିଛନ୍ତି କିଶୋର।

# ଖୁବ୍ ଶୀଘ୍ର ଆରମ୍ଭ ହେବ ଭାଙ୍ଗିଥିବା ଗୋବରୀ ସେତୁ କାର୍ଯ୍ୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ସହରର ତିନିମୁହାଣୀ ଠାରୁ ଗୋବରୀ ନଦୀ କୂଳେ କୂଳେ ଆରମ୍ଭ ହୋଇଥିବା ବାଇପାସ୍ ରାସ୍ତାର ପୋଲର ଗାର୍ଡର ଭାଙ୍ଗି ଯାଇଥିବା କାମ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏନେଇ ଏକ ବିଶେଷଜ୍ଞ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ତଦାରଖ କରିବା ପରେ ପୋଲ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ୨୦୨୩ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ରାସ୍ତା କାମ ଚାଲିଥିବା ବେଳେ ଗୋବରୀ ନଦୀକୁ ସଂଯୋଗ କରୁଥିବା ଶାଖା କେନାଲ ଉପରେ ପୋଲ କାମ ଚାଲିଥିଲା। ବଡ ବଡ ସିମେଣ୍ଟ ଗାର୍ଡର ରଖା ଯାଇ ଏହି ପୋଲ କାମ ଚାଲିଥିବା ବେଳେ ଗୋଟିଏ ବୃହତ୍‌କାୟ ସିମେଣ୍ଟ ଗାର୍ଡର ଆପଣା ଛାଏଁ ଖସିପଡି ଭାଙ୍ଗିଯିବାରୁ ହଇଚଇ ସୃଷ୍ଟି ହୋଇଥିଲା। ଏନେଇ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେହି ଦିନଠାରୁ ପୋଲ କାମ ପ୍ରାୟ ବନ୍ଦ ରହିଛି। ତେବେ ବର୍ଷକ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମକୁ ପୁନି ଚାଲୁ କରିବା ପାଇଁ ଭୁବନେଶ୍ୱର ଆଇଆଇଟିରୁ ଏକ ବିଶେଷଜ୍ଞ ଟିମ୍ ଆଜି ଘଟଣା ସ୍ଥଳ ପରିଦର୍ଶନ କରି ଏହାର ସ୍ଥିତି ଯାଞ୍ଚ କରିଥିଲେ। ତେବେ ଖୁବ୍ ଶୀଘ୍ର ବନ୍ଦ ରହିଥିବା ଚାଲୁ ହେବ ବୋଲି ଜଣାପଡିଛି।

# କାନାଡ଼ା ଟିମ୍ ପାଇଁ କ୍ରିକେଟ ଖେଳିବାକୁ ଚାହୁଁଥିଲେ ଯଶପ୍ରୀତ ବୁମ୍‌ରା

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟକୁ ଯଶପ୍ରୀତ ବୁମ୍‌ରା ଆସିବା ପରେ ଦଳର ବୋଲିଂ ବାହିନୀ ଶକ୍ତିଶାଳୀ ହୋଇଯାଇଛି। ସାରା ବିଶ୍ୱରେ ବୁମ୍‌ରା ଚହଳ ପକାଇଛନ୍ତି। ତତ୍କାଳୀନ ଭାରତୀୟ ଟିମ୍‌ର କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି ଦଳର ବୋଲିଂ ବାହିନୀକୁ ଶକ୍ତିଶାଳୀ କରିବାକୁ ଉଦ୍ୟମ କରିଥିଲେ। ଏହିକ୍ରମରେ ବୁମ୍‌ରା ଦଳକୁ ଆସିଥିଲେ। ଏବେ ସେ ଉକ୍ତ ବିପ୍ଳବର ପୋଷ୍ଟର ବୟ ସାଜିଛନ୍ତି। ବୁମ୍‌ରା ଟେଷ୍ଟ, ଟି-୨୦ ଓ ଦିନିକିଆରେ ବୁମ୍‌ରାଙ୍କ ବଲକୁ ପଢ଼ିବା ପ୍ରତିପକ୍ଷ ବ୍ୟାଟରଙ୍କ ପାଇଁ ଆଦୌ ସହଜ ହେଉନି।

ପୂର୍ବରୁ ଭାରତୀୟ ଟିମ୍‌ର ଦ୍ରୁତ ବୋଲିଂ ବାହିନୀ ସେତେଟା ଆଖି ଦୃଶିଆ ନଥିଲା। କିନ୍ତୁ ଏବେ ବିଶ୍ୱର ଟପ୍ ୩ ଦ୍ରୁତ ବୋଲିଂ ଆକ୍ରମଣ ମଧ୍ୟରେ ଭାରତ ଆସୁଛି। ଯଶପ୍ରୀତ ବୁମ୍‌ରା ଏବେ ଭାରତୀୟ ଦ୍ରୁତ ବୋଲିଂ ବାହିନୀର କମାଣ ସମ୍ଭାଳିଛନ୍ତି। ତେବେ ଏମିତି ଏକ ସମୟ ଥିଲା ଯେତେବେଳେ ଗୁଜରାଟରେ ଜନ୍ମିତ ବୁମ୍‌ରା ଭାରତ ଛାଡ଼ି କାନାଡ଼ା ଚାଲି ଯିବାକୁ ମନ ବଳାଇଥିଲେ। କାନାଡ଼ାରେ ତାଙ୍କୁ କ୍ରିକେଟ ଖେଳିବାକୁ ଭଲ ସୁଯୋଗ ମିଳିବ ବୋଲି ଭାବୁଥିଲେ। କିନ୍ତୁ ସେତେବେଳେ ଆସିଥିଲା ମୁମ୍ବାଇ ଇଣ୍ଡିଆନ୍ସ ଓ ଏହାପରେ ଯାହା ସବୁ ଘଟିଛି, ସେସବୁ ଇତିହାସ ପାଲଟି ଯାଇଛି।

ଜିଓ ସିନେମା ପକ୍ଷରୁ ବୁମ୍‌ରାଙ୍କ ସାକ୍ଷାତ୍‌କାର ପତ୍ନୀ ତଥା ଆଙ୍କର ସଞ୍ଜନା ନେଇଛନ୍ତି। ଏହି ସମୟରେ ସେ ବୁମ୍‌ରାଙ୍କୁ ପ୍ରଶ୍ନ କରିଥିଲେ ଯେ ତୁମେ ଏକଦା କାନାଡା ଚାଲିଯିବାକୁ ଚାହୁଁଥିଲ ଓ ସେଠାରେ ନୂଆ ଜୀବନ ଆରମ୍ଭ କରିବା ଲକ୍ଷ୍ୟରେ ଥିଲ?

ଏହାର ଜବାବରେ ବୁମ୍‌ରା କହିଛନ୍ତି, ଆମେ ଏସବୁ ପୂର୍ବରୁ ମଧ ଆଲୋଚନା କରି ସାରିଛେ। ପ୍ରତିଟି ପିଲା କିଛି ବଡ଼ କରିବାକୁ ଚାହାନ୍ତି ଓ କ୍ରିକେଟ ଖେଳିବାକୁ ଭଲ ପାଆନ୍ତି। ଦେଶର ପ୍ରତିଟି ଗଳିରେ ୨୫ ପିଲା ଅଛନ୍ତି, ଯେଉଁମାନେ ଭାରତ ପାଇଁ ଖେଳିବାକୁ ଚାହାନ୍ତି। ତେଣୁ ଆପଣଙ୍କ ପାଖରେ ବ୍ୟାକଅପ ପ୍ଲାନ ରହିବା ଦରକାର। ଆମର ସମ୍ପର୍କୀୟମାନେ କାନାଡାରେ ରୁହନ୍ତି। ମୁଁ ଭାବିଥିଲି ଯେ ମୋ ଶିକ୍ଷା ଶେଷ ହେବା ପରେ କାନାଡାରେ ରହୁଥିବା ସମ୍ପର୍କୀୟଙ୍କ ପାଖକୁ ଚାଲି ଯିବି। ପ୍ରଥମେ ପରିବାର ସହ ଯିବି ବୋଲି ଭାବିଥିଲି। କିନ୍ତୁ ସେଠାକାର ସଂସ୍କୃତି ଭିନ୍ନ ଥିବାରୁ ମୋ ମା' ଯିବାକୁ ଅରାଜି ହୋଇଥିଲେ। ଏପରି ସ୍ଥିତିରେ ମୁଁ ଏଠାରେ କିଛି କରିବାକୁ ଚେଷ୍ଟା କରିଥିଲି। ମୁଁ ଅତ୍ୟନ୍ତ ଖୁସି ଓ ଅତ୍ୟନ୍ତ ଲକି ଯେ ଏଠାରେ ବହୁତ କିଛି ଘଟିଲା। ଯଦି ସେମିତି କିଛି ହୋଇ ନଥାଆନ୍ତା, ତାହେଲେ ମୁଁ କାନାଡାର ଜାତୀୟ ଟିମ୍ ପାଇଁ ଚେଷ୍ଟା କରିଥାଆନ୍ତି। ସେଠାରେ କିଛି କରିବାକୁ ଉଦ୍ୟମ କରି ଥାଆନ୍ତି। ହେଲେ ଏଠାରେ ସବୁ କିଛି ହେବାରୁ ମୁଁ ବହୁତ ଖୁସି। ଏବେ ମୁଁ ଭାରତୀୟ ଟିମ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବାକୁ ସକ୍ଷମ ହୋଇଛି। ୨୦୧୩ରେ ବୁମ୍‌ରା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବା ଆରମ୍ଭ କରିଥିଲେ। ଏହାପରେ ତାଙ୍କୁ ୨୦୧୬ରେ ଭାରତୀୟ ଟିମ୍‌ରେ ସୁଯୋଗ ମିଳିଥିଲା। ଏବେ ସେ ଦେଶର ଷ୍ଟାର ଦ୍ରୁତ ବୋଲର।

## ବାଣୀବିହାର ୮୦ରେ ଅନ୍ନସେବା

**ଭୁବନେଶ୍ବର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ବାଣୀବିହାର ୮୦ ସଂଗଠନ ତରଫରୁ ଭରତପୁରସ୍ଥିତ ଦିବ୍ୟାଙ୍ଗ ଆଦର୍ଶ ଟ୍ରଷ୍ଟର ଚକ୍ଷୁହୀନ ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ଏଥିରେ ସଂଗଠନର ସଭାପତି ଶରତ ଦାଶ, ସଂପାଦକ ଆଶୁତୋଷ ଦାଶ ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରତୀପ ମିଶ୍ର, ଶିଶିର ଦାସ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଲେଖ ନନ୍ଦୀ, ମେନକା ମଲ୍ଲିକ, ଧରିତ୍ରୀ ରାୟ, ଗୀତାଞ୍ଜଳି ମହାପାତ୍ର, ନୀହାରିକା ମିଶ୍ର, ଶ୍ରୀନିବାସ ସ୍ୱାଇଁ ଓ ସଂସାର ବିନ୍ଦୁ ପୃଷ୍ଟି ଯୋଗଦାନ କରିଥିଲେ। ଟ୍ରଷ୍ଟପାଇଁ ଛଅଟି ଚେୟାର ମଧ ପ୍ରଦାନ କରାଯାଇଥିଲା।

## ପୂର୍ବତମ ନଗରପାଳଙ୍କ ପରଲୋକରେ ମନ୍ତ୍ରୀଙ୍କ ଶୋକ ପ୍ରକାଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ପୌରପାଳ ତଥା ବିଜୁ ଜନତା ଦଳର ସକ୍ରୀୟ ସଦସ୍ୟ ପ୍ରବୀର କୁମାର ମହାନ୍ତିଙ୍କ ପରଲୋକରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ଉଚ୍ଚ ଶିକ୍ଷା, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ମହାନ୍ତି ବିଜୁ ଜନତା ଦଳର ସକ୍ରୀୟ ସଦସ୍ୟ ଭାବେ କାର୍ଯ୍ୟକରି କେନ୍ଦ୍ରାପଡ଼ା ପୌରାଞ୍ଚଳ ରେ ଦଳକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବର୍ତ୍ତମାନ ନିର୍ବାଚନ ସମୟରେ ତାଙ୍କର ଆକସ୍ମିକ ପରଲୋକ ଦଳର ଅପୂରଣୀୟ କ୍ଷତି ଘଟିଲା ବୋଲି ମନ୍ତ୍ରୀ ଶ୍ରୀ ନାୟକ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

# ଜଗତସିଂହପୁର ପ୍ରଧାନ ଡାକଘର ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ସାଧାରଣ ନିର୍ବାଚନରେ ଲୋକମାନେ କିଭଳି ନିଜ ମତ ସାବ୍ୟସ୍ତ କରିବେ, ସେଥିପାଇଁ ସବୁ ସ୍ତରରେ ସଚେତନତା ସୃଷ୍ଟି କରାଯାଉଛି। ଏହି ସଚେତନତା ଯାତ୍ରାରେ ପୋଷ୍ଟଅଫିସ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ପରିପେକ୍ଷୀରେ ଜଗତସିଂହପୁର ପ୍ରଧାନ ଡାକଘରର ପ୍ରଧାନ ଡାକପାଳ ରଞ୍ଜନ କୁମାର ସାହୁ ପକ୍ଷରୁ ପ୍ରଭାତଫେରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସହକାରୀ ଡାକ ଅଧିକ୍ଷକ ବ୍ରଜେନ୍ଦ୍ର ହେମ୍ବ୍ରମଙ୍କ ଅଧକ୍ଷତାରେ ସମସ୍ତ ଡାକକର୍ମଚାରୀ ଏହି ପ୍ରଭାତଫେରି ଭୋଟର ସଚେତନତା ରାଲିରେ ମତଦାନ ରଖି ପର୍ବ, ଦେଶର ଗର୍ବ ସ୍ଲୋଗାନର ନାରା ଦେଇ ଜଗତସିଂହପୁର ପ୍ରଧାନଡାକଘର ସମ୍ମୁଖରୁ ବାହାରି କଲେଜ ଛକ ଅଭିମୁଖେ ଯାଇ ପୁନଃ ପୋଷ୍ଟଅଫିସ ପାଖକୁ ଫେରିଥିଲେ। ପୋଷ୍ଟାଲ ଖାମ୍, ଚିଠି କିମ୍ବା ଅନ୍ୟ ଜରୁରୀ ସାମଗ୍ରୀ ଆସୁଥିବା ପାର୍ସଲରେ ଚୁନାଓ କା ପର୍ବ, ଦେଶ କା ଗର୍ବ ଷ୍ଟାମ୍ପ ଲଗାଯାଉଛି। ତା' ସହିତ ଗାଁ ଗହଳିରେ ଥିବା ପୋଷ୍ଟଅଫିସ ଗୁଡ଼ାକର ପୋଷ୍ଟମାଷ୍ଟର ଘର ଘର ବୁଲି ସଚେତନ କରିବେ। ଭିଡ଼ ସ୍ଥାନରେ ପୋଷ୍ଟାଲ ଖାମରେ ଲେଖା ଯାଇଥିବା ବାର୍ତ୍ତାରେ ସଚେତନତା କରାଯାଉଛି। 'ଆଜ୍ଞା ପୋଷ୍ଟ ଅଫିସରୁ ଆସିଥିଲି। ପୋଷ୍ଟମାଷ୍ଟର ମୁଁ... ଆଗକୁ ସାଧାରଣ ନିର୍ବାଚନ ଆସୁଛି। ଏହି ନିର୍ବାଚନରେ ଆପଣ ଭୋଟ ଦେବେ। ଆଖପାଖ ଲୋକଙ୍କୁ ବି ନିଜ ପ୍ରତିନିଧି ବାଛିବାକୁ ପରାମର୍ଶ ଦେବେ।' ଜଗତସିଂହପୁର ପ୍ରଧାନ ଡାକଘର ପକ୍ଷରୁ ଏହି ଭଳିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

## ମାହାଙ୍ଗା କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି ବୈଠକ

# ସୁପ୍ତ କଂଗ୍ରେସକୁ ଜାଗ୍ରତ କରାଇବାକୁ ଆହ୍ୱାନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**




ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ଗ୍ରାମପଞ୍ଚାୟତ ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗାରେ ସୁପ୍ତ କଂଗ୍ରେସକୁ ଜାଗ୍ରତ କରାଇବା ସହ ଏକଛତ୍ରବାଦୀ ଓ ଭ୍ରଷ୍ଟାଚାରୀ ଶାସନ ଚଳାଇଥିବା ବିଜେପି ଓ ବିଜେଡି ସରକାରକୁ କଡା ସମାଲୋଚନା କରଯାଇଥିଲା। ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ଯୁବନେତା ପ୍ରଦିପ୍ତ କୁମାର ଦାସଙ୍କ ନେତୃତ୍ୱରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରତି ପଞ୍ଚାୟତର ବରିଷ୍ଠ, ଯୁବ,ସଂଖ୍ୟାଲଘୁ ସମ୍ପ୍ରଦାୟର ଛାମୁଆଁ କର୍ମୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାହାଙ୍ଗା ବ୍ଲକ କଂଗ୍ରେସ ଉପସଭାପତି ଅକାଶ ପ୍ରଧାନ ସଭାପତିତ୍ୱ କରିଥାଲେ। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ ସଦାମ ଯୋଗଦାନ କରି ବିଜେପି ଓ ବିଜେଡି ମଧ୍ୟରେ ଚାଲିଥିବା ତଥାକଥିତ ଭାଗୁଆଳୀ ଶାସନର ତୀବ୍ର ସମାଲୋଚନା କରିଥିଲେ। ପିସିସି ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ ଏହି ସଭାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଆଇନ ଶୃଙ୍ଖଳା ଭୁଷୁଡି ପଡିଥିଲା ବେଳେ ଦୁର୍ନୀତି ଚରମସୀମାରେ ପହଞ୍ଚି ଥିବାର କ୍ଷୋଭପ୍ରକାଶ କରିଥିଲେ। ଭାଜପା ସରକାର କ୍ଷମତାକୁ ଆସିଲେ ଦେଶରେ ଆଉ ଗଣତନ୍ତ୍ର ରହିବ ନାହିଁ। ସମ୍ବିଧାନ ପରିବର୍ତ୍ତନ କରି ରାଜତନ୍ତ୍ରୀ ବୀଜ ବୁଣିବ ବୋଲି ଶ୍ରୀ ଦାସ କହି ଭାଜପାର ଗୁମର ଖୋଲିଥିଲେ। ଏହି କାର୍ଯ୍ୟକ୍ରମରେ ଗଣେଶ୍ୱର ସ୍ୱାଇଁ, ମନ୍ମଥ ଖୁଣ୍ଟିଆ, ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସମ୍ପାଦକ ଅମୀୟ କୁମାର ବିଶ୍ୱାଳ, ସୁଶିଲ କୁମାର ସ୍ୱାଇଁ, ଗୋପାଳ ସେଠୀ, ଯୁବନେତା ସଞ୍ଜୟ କୁମାର ବେହେରା, ରମେଶ ଚନ୍ଦ୍ର ବାରିକ, ଦୀପକ ନାୟକ, ଦୀପକ କୁମାର ବେହେରା, ମିଳନ ମଲିକ, ଯାକୁବ ଖାଁ, ସଚ୍ଚିଦାନନ୍ଦ ବେହେରା, ଅମରେଶ ସାମନ୍ତରାୟ,ବିନୋଦ ମଲିକ, ମିର୍ଜା ମୁନା, ସେକ କରିମ ପ୍ରମୁଖ ଉଦ୍‌ବୋଧନ ଦେଇ କର୍ମୀମାନଙ୍କୁ ନିର୍ବାଚନ କୌଶଳ ସମ୍ପର୍କରେ କହିଥିଲେ। ଶେଷରେ ପ୍ରାକ୍ତନ ବ୍ଲକ କଂଗ୍ରସ ସଭାପତି ଦିଲିପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିକାଣ୍ଡରେ ଅସହାୟ ମହିଳା ସର୍ବସ୍ୱାନ୍ତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ୮ ନମ୍ବର ଓ୍ୱଡ଼ର ଗାଁ ଶେଷ ଦଣ୍ଡା ମୁଣ୍ଡରେ କାଦମ୍ବିନୀ ସେଠୀ ନାମକ ଜଣେ ଅସହାୟ ଦରିଦ୍ର ମହିଳା ଛେଳି ପାଳନ କରିବାସହ ଏକ ନୂଆଣିଆ ଚାଳ ଘରେ ବସବାସ କରୁଥିଲା। ଛେଳି ପାଳନ କରି ଜୀବିକା ନିର୍ବାହ କରୁଥିଲେ। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ନୁଆଁଣିଆ ଘରେ ଛେଳି ପଲଙ୍କ ସହ ବସବାସ କରୁଥିବା ଘରଟିକୁ କେହି ଗତ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଘର ସହ ସମସ୍ତ ଅସବାପତ୍ର ଜାଳି ଯିବା ପରେ ନିଃସହାୟ ହୋଇପଡିଛନ୍ତି କାଦମ୍ବିନୀ। କାଦମ୍ବିନୀ ବହୁ ପୂର୍ବରୁ ଆବାସ ଯୋଜନାରେ ପକ୍କା ଘର ପାଇଥିଲେ ସ୍ୱାମୀ ପରିତ୍ୟକ୍ତା ମହିଳା ମୁଲ ଲାଗି ପରିବାର ଚଳାଉଥିବାରୁ ଘର କରିପାରିନଥିଲେ। ଯେଉଁ ଚାଳ ଘରେ ବସବାସ କରୁଥିଲେ ସେହି ଚାଳଘର ପୋଡି ପାଉଁଶ ହେବାରୁ ସେ ଅସହାୟ ହୋଇପଡିଛନ୍ତି। ରାଜସ୍ୱ ନିରୀକ୍ଷକ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଏକ ପାଲ ଯୋଗାଇ ଦେଇଥିଲେ। ଏହି ଅସହାୟ ଅଗ୍ନିବିପନ୍ନ ପରିବାରକୁ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ଭେଟି ସହାୟତା ପ୍ରଦାନ କରିଥିଲେ। ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସମାଜସେବୀ ଭାସ୍କର ନାୟକ, ପ୍ରହଲ୍ଲାଦ ଖୁଣ୍ଟିଆ, ଶଙ୍କର୍ଷଣ ହାତୀ, ବିମଳ ଲେଙ୍କା, କ୍ଷୀରୋଦ ମଲ୍ଲିକ, ଅଭିଷେକ ଖୁଣ୍ଟିଆ, ବିମଳେନ୍ଦୁ ନନ୍ଦ, ରାକେଶ ରାଉଳ, ରବୀନ୍ଦ୍ର ଦାସ, ସେତ ଦାସ, ଗୌରାଙ୍ଗ ବାରିକ, ପ୍ରଭାକର ବାରିକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅଗ୍ନିବିପନ୍ନ ଅସହାୟ ମହିଳାଙ୍କୁ ସରକାରୀ ସହାୟତା ଓ ପକ୍କା ଘର ସହାୟତା ଯୋଗାଇଦେବାକୁ ଦାବି କରାଯାଉଛି।

ଭୁବନେଶ୍ୱର
୧୩ ଅପ୍ରେଲ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



















ଭୁବନେଶ୍ୱର : ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ରଙ୍ଗୀନ ଆଲୋକମାଳାରେ ସଜେଇ ହୋଇଛି ମାଷ୍ଟର କ୍ୟାଣ୍ଟିନ୍ ଛକ ସ୍ଥିତ "ଆଇ ଲଭ୍ ଭୁବନେଶ୍ୱର" ସେଲ୍‌ଫି ପଏଣ୍ଟ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସୌଧ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମଣିପୁର ରାଜ୍ୟପାଳ ଅନୁସୂୟା ଓ୍ୱିକେ (ଫଟୋ : ସମ୍ବାଦ କଳିକା)

# ପ୍ରଶାନ୍ତ ଜଗଦେବଙ୍କ ଗୁଣ୍ଡାଗିରି : ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୧୨।୪ :ନ୍ୟୁଜ୍‌ବ୍ୟୁରୋ**

ଗୁଣ୍ଡାଗିରି କରି ବିଜେଡିରୁ ବହିଷ୍କାର ସତ୍ତ୍ୱେ ନିଜ ଗୁଣ ଛାଡ଼ି ପାରୁନାହାନ୍ତି ବାହୁବଳୀ ବିଧାୟକ ପ୍ରଶାନ୍ତ ଜଗଦେବ। ବିଜେପିରେ ଯୋଗଦେବା ପରେ ତାଙ୍କର ଗୁଣ୍ଡାଗିରି ପୁଣି ସୀମା ଅତିକ୍ରମ କରିଛି, ଯାହାକୁ ନେଇ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଗୁରୁବାର ସାଂସଦ ଅପରାଜିତାଙ୍କ ସହ ଖୋର୍ଦ୍ଧା ଜିଲ୍ଲାର ଛଣଗିରିରେ ପ୍ରଚାର କରୁଥିବା ସମୟରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ବିଧାୟକ ପ୍ରଶାନ୍ତ ଜଗଦେବ।

କେବଳ ସେତିକି ନୁହେଁ; ସମ୍ପୃକ୍ତ ସାମ୍ବାଦିକଙ୍କ ମୋବାଇଲ୍ ମଧ୍ୟ ଛଡ଼ାଇ ନେଇ ଫିଙ୍ଗି ଦେଇଥିଲେ। ପ୍ରଶାନ୍ତଙ୍କ ଆକ୍ରମଣରେ ଆହତ ସାମ୍ବାଦିକଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଜନସାଧାରଣ



ପ୍ରଥମେ ଖୋର୍ଦ୍ଧା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ସାମ୍ବାଦିକଙ୍କ ପେଟ, ପିଠି, ଡାହାଣ ଗୋଡ଼ରେ ଆଘାତ ଲାଗିଛି।

ଅନ୍ୟପଟେ ଆକ୍ରମଣ ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀ ନିରବ କାହିଁକି ବୋଲି ମଧ୍ୟ ପ୍ରଶ୍ନ ପଚାରିଛି ବିଜେଡି।

ସେହିପରି ଗୁରୁବାର ଥାନା ଅଧିକାରୀଙ୍କୁ ମଧ୍ୟ ଧମକ ଦେଇଛନ୍ତି ପ୍ରଶାନ୍ତ ଜଗଦେବ। ସାମ୍ବାଦିକ ଦେଇଥିବା ଏଫଆଇଆରକୁ ଚିରିଦେବାକୁ ସେ ଧମକ ଦେଇଛନ୍ତି। ନଚିରିଲେ ଥାନା ଅଧିକାରୀଙ୍କୁ ଇସିଆଇଙ୍କୁ କହି ବଦଳି କରାଇଦେବାକୁ ଧମକ ଦେଇଛନ୍ତି ପ୍ରଶାନ୍ତ ଜଗଦେବ।

# ନଦୀରେ ଭାସିଯାଇ ୨ ଯୁବକଙ୍କ ମୃତ୍ୟୁ

**କଟକ, ୧୨।୪ :ନ୍ୟୁଜ୍‌ବ୍ୟୁରୋ**

ବିରୂପା ନଦୀ ଭିତରେ ବଲ୍ ଖେଳ ହେଲା କାଳ। ଏମିତି ଏକ ଅଘଟଣ ଘଟିଛି ଚୌଦ୍ୱାର ସହରର ମୁଖ୍ୟ ପ୍ରବେଶ ପଥରେ ଥିବା ବିରୂପା ନଦୀରେ। ନଦୀରେ ଗାଧୋଇବା ବେଳେ ବଲ୍ ଖେଳୁଖେଳୁ ଭାସିଗଲେ ଦୁଇ ଜଣ ଯୁବକ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ ମେଡିକାଲକୁ ପଠାଯାଇଥିଲା। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




# ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ କମଳା ଦାସଙ୍କ ପରଲୋକ

**କଟକ, ୧୨।୪ :ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ କମଳା ଦାସଙ୍କ ପରଲୋକ ଘଟିଛି। କଟକର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଫୁସ୍‌ଫୁସ୍ ସଂକ୍ରମଣ ହେତୁ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। ଗତ ଦୁଇ ସପ୍ତାହ ତଳେ ସେ ଭୁବନେଶ୍ୱର ସହିଦନଗର ସ୍ଥିତ ବାସଭବନରେ ଅସୁସ୍ଥ ହେବା ପରେ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲକୁ ତାଙ୍କୁ ନିଆଯାଇଥିଲା। ଏହାପରେ ସେ ଫୁସ୍‌ଫୁସ୍‌ଜନିତ ସଂକ୍ରମଣରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ୧୨ ଦିନ ତଳେ ତାଙ୍କୁ କଟକର ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଠାରେ ସେ ଭେଣ୍ଟିଲେଟରରେ ଗତ ୩ ଦିନ ଧରି ଥିବାବେଳେ ଗୁରୁବାର ରାତି ସାଢ଼େ ୧୨ଟା ସମୟରେ ତାଙ୍କର ପରଲୋକ ହୋଇଛି ବୋଲି ତାଙ୍କ ଜ୍ୱାଇଁ ସତ୍ୟବ୍ରତ ସ୍ୱାଇଁ ଓ ଭଣଜା ଅଶୋକ ଦାସ ସୂଚନା ଦେଇଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ଗାଁ ଶଙ୍ଖାରୀ, ଜନ୍ମମାଟି ବାରବାଟିଆ ସମେତ ସମଗ୍ର ଭୋଗରାଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



## ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଶୋକ

ପୂର୍ବତନ ମନ୍ତ୍ରୀ ଡାକ୍ତର କମଳା ଦାସଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜର ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ ବିଧାୟିକା ତଥା ମନ୍ତ୍ରୀ ଡାକ୍ତର କମଳା ଦାସଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରି କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ଡାକ୍ତର କମଳା ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଜନପ୍ରତିନିଧି ଭାବେ ତାଙ୍କର ଲୋକସେବା କାର୍ଯ୍ୟଗୁଡ଼ିକ ଚିର ସ୍ମରଣୀୟ ହୋଇରହିବ। ଶ୍ରୀ ପ୍ରଧାନ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ ୧୯୯୦ ମସିହାରେ ଡାକ୍ତର କମଳା ଦାସ ଡାକ୍ତର ଚାକିରି ଛାଡ଼ି ଜନତା ଦଳ ଟିକଟରେ ଭୋଗରାଇ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ଏହାପରେ ୧୯୯୫ ମସିହାରେ ସେହି ଜନତା ଦଳ ଓ ୨୦୦୦ ମସିହାରେ ବିଜୁ ଜନତା ଦଳ ଟିକଟରେ ମଧ୍ୟ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ବିଧାନସଭାକୁ ହ୍ୟାଟ୍ରିକରେ ନିର୍ବାଚିତ ହେବାରେ ଡାକ୍ତର କମଳା ଦାସ ପ୍ରଥମ ବିଧାୟିକା ଥିଲେ। କେବଳ ବିଧାୟିକା ନୁହେଁ ସେ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ଶିକ୍ଷା, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ଶିଶୁ ବିକାଶ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କ୍ୟାବିନେଟ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। କେବଳ ଭୋଗରାଇ କାହିଁକି ବାଲେଶ୍ୱର ଜିଲ୍ଲା ଏପରିକି ସମଗ୍ର ରାଜ୍ୟ ରାଜନୀତିରେ ଜଣେ ନାରୀନେତ୍ରୀ ଭାବେ କମଳା ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

# ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ରୋକିବାକୁ ପଦକ୍ଷେପ
## ସିଂହଦ୍ୱାରରେ ରହିବେ ପ୍ରତିହାରୀ ସେବକ

**ପୁରୀ, ୧୨।୪ :ନ୍ୟୁଜ୍‌ବ୍ୟୁରୋ**



ବିଭିନ୍ନ ସମୟରେ ଅଣହିନ୍ଦୁମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଥିବା ଦେଖାଯାଉଛି। ନିକଟ ଅତୀତରେ ମଧ୍ୟ ଏଭଳି ଖବର ଆସିଛି। ଅଣହିନ୍ଦୁ ପ୍ରବେଶକୁ ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବେ ଏକ ପଦକ୍ଷେପ ନେଇଛି। ଶ୍ରୀମନ୍ଦିରର ସିଂହଦ୍ୱାରରେ ପ୍ରତିହାରୀ ସେବକମାନଙ୍କୁ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ୧୪ ତାରିଖରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ପଡୁଥିବା ବେଳେ ସେହିଦିନଠାରୁ ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ସକାଳେ ଦ୍ୱାର ଫିଟା ସମୟରେ ଓ ସନ୍ଧ୍ୟା ଆରତି ବେଳେ ଦୁଇ ଜଣ ଲେଖାଏଁ ପ୍ରତିହାରୀ ସେବାୟତ ସିଂହଦ୍ୱାର ସମ୍ମୁଖରେ ମୁତୟନ ହେବେ। ପରବର୍ତ୍ତୀ ସମୟରେ ପୂରା ଦିନରୁ ରାତି ପର୍ଯ୍ୟନ୍ତ ପ୍ରତିହାରୀ ସେବାୟତମାନଙ୍କୁ ମୁତୟନ କରାଯିବ।

ପ୍ରତିହାରୀ ନିଯୋଗ ସଂପାଦକ ରାମନାରାୟଣ ଗୋଚ୍ଛିକାର କହିଛନ୍ତି, ପୂର୍ବରୁ ସିଂହଦ୍ୱାର ପ୍ରତିହାରୀ ସେବା ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇଯାଇଥିଲା। କେବଳ ରଥଯାତ୍ରା ବେଳେ ସାମୟିକ ଭାବେ ଏହି ସେବା କରାଯାଉଥିଲା। ଏବେ ଏହି ସିଂହଦ୍ୱାର ପ୍ରତିହାରୀ ସେବାକୁ ପୁନଃପ୍ରଚଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ପ୍ରଶାସନ ଓ ପ୍ରତିହାରୀ ନିଯୋଗ ମଧ୍ୟରେ ଆଲୋଚନା ହୋଇଛି। ମଝିରେ ମଝିରେ ଶ୍ରୀମନ୍ଦିରରେ ଅଣହିନ୍ଦୁମାନେ ପଶି ଯାଉଛନ୍ତି। ଅଣହିନ୍ଦୁମାନଙ୍କୁ କେବଳ ସେବାୟତମାନେ ହିଁ ଚିହ୍ନଟ କରିପାରୁଛନ୍ତି। ଅଣହିନ୍ଦୁମାନଙ୍କୁ ଚିହ୍ନଟ କରିବାରେ ମନ୍ଦିର ସୁରକ୍ଷା ଦାୟିତ୍ୱରେ ନିଯୁକ୍ତ ପୁଲିସ ଓ ଅନ୍ୟ ସୁରକ୍ଷାକର୍ମୀଙ୍କୁ ଟିକେ କଷ୍ଟ ହେଉଛି। କିନ୍ତୁ ପ୍ରତିହାରୀ ସେବାୟତମାନେ ସଙ୍ଗେ ସଙ୍ଗେ ଅଣହିନ୍ଦୁମାନଙ୍କୁ ଚିହ୍ନଟ କରିପାରିବେ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସେୟାର ବଜାରରେ ହଇଚଇ : ସେନସେକ୍ସ ୭୯୩ ପଏଣ୍ଟ କମିଲା



**ମୁମ୍ବାଇ, ୧୨।୪**

ଦୁର୍ବଳ ଅନ୍ତର୍ଜାତୀୟ ବଜାର ପ୍ରଭାବରୁ ଭାରତୀୟ ଷ୍ଟକ୍ ବଜାରରେ ଶୁକ୍ରବାର ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ଶୁକ୍ରବାର କାରବାର ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ ୭୯୩.୨୫ ପଏଣ୍ଟ ହ୍ରାସ ପାଇ ୭୪୨୪୪.୯୦ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ଓ୍ୱେବ୍□ମାର୍କ ନିଫ୍ଟି ମଧ୍ୟ ୨୩୪.୪୦ ପଏଣ୍ଟ ହ୍ରାସ ପାଇ ୨୨୫୧୯.୪୦ ସ୍ତରରେ ବନ୍ଦ ହୋଇଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ୍ ସୂଚକାଙ୍କ କାରବାର ଅଧିବେଶନରେ ୦.୫ ପ୍ରତିଶତ ହ୍ରାସ ପାଇଛି। ନିଫ୍ଟି ବ୍ୟାଙ୍କ ୪୨୨ ପଏଣ୍ଟ ବା ୦.୮୬% ହ୍ରାସ ପାଇ ୪୮,୫୬୪.୫୫ରେ ବନ୍ଦ ହୋଇଛି। ଆଇଟି କମ୍ପାନୀ ଟିସିଏସ୍‌ର ମାର୍ଚ୍ଚ ତ୍ରୈମାସିକ ସଂଖ୍ୟା ମଧ୍ୟ ଭାରତୀୟ ଷ୍ଟକ ବଜାରରେ ହ୍ରାସ ଆଣିବାରେ ଏକ କାରଣ ସାଜିଛି ବୋଲି ମନେକରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ତୈଳ, ଗ୍ୟାସ୍, ଏଫଏମସିଜି ଓ ଫାର୍ମା କମ୍ପାନୀର ସେୟାରରେ ବିକ୍ରି ଦେଖିବାକୁ ମିଳିଥିଲା। ଏହି କାରବାର ସମୟରେ ଡିଭିଜ ଲ୍ୟାବ୍ସ, ବଜାଜ ଅଟୋ, ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ, ଟାଟା ମୋଟର୍ସ ଏବଂ ଟିସିଏସ ପ୍ରମୁଖ ନିଫ୍ଟି ୫୦ କମ୍ପାନୀ ମଧ୍ୟରେ ଥିଲେ। ଅନ୍ୟପକ୍ଷରେ ନିଫ୍ଟି-୫୦ରେ ସନ ଫାର୍ମା, ମାରୁତି ସୁଜୁକି, ପାୱାର ଗ୍ରିଡ୍, ଟାଇଟାନ ଓ ଓଏନଜିସିର ସେୟାର ବଡ଼ ଧରଣର ପଛରେ ପଡ଼ିଛି।

# କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ପାଇବେ ନିର୍ବାଚନରେ ନିୟୋଜିତ ଥିବା ପୋଲିଂ କର୍ମଚାରୀ

**ଭୁବନେଶ୍ୱର, ୧୨।୪**
**ନ୍ୟୁଜ୍‌ବ୍ୟୁରୋ**



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ପ୍ୟାନେଲଭୁକ୍ତ ହୋଇଥିବା ରାଜ୍ୟର ସମସ୍ତ ଘରୋଇ ହସ୍ପିଟାଲଗୁଡିକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ସାଧାରଣ ନିର୍ବାଚନ ୨୦୨୪ କାର୍ଯ୍ୟରେ ନିୟୋଜିତ ଥିବା ପୋଲିଂ କର୍ମଚାରୀ ଯଦି ଅଂଶୁଘାତରେ ଅସୁସ୍ଥ ହୁଅନ୍ତି ତେବେ ସେମାନଙ୍କୁ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦିଆଯାଇଛି ନିର୍ଦ୍ଦେଶ। ନିର୍ବାଚନକାଳୀନ ଡ୍ୟୁଟି ସଂକ୍ରାନ୍ତ ନିଯୁକ୍ତିପତ୍ର ଦାଖଲ କରାଯିବାପରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ହେବ। ରାଜ୍ୟର କୋଟିକୋଟି ଲୋକ ବିଏସ୍‌କେୱାଇ ଜରିଆରେ ଉପକୃତ ହେଉଥିବାବେଳେ ରାଜ୍ୟ ସରକାର ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ଲାଗି ଏହାକୁ ଉପଲବ୍ଧ କରାଇଛନ୍ତି।

ଏବେ ବଜାରରେ ଉପଲବ୍ଧ...
'କଥାକଳିକା'ର ଏପ୍ରିଲ ସଂଖ୍ୟା, ୨୦୨୪




ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ସଚ୍ଚିଦା ନନ୍ଦ କର,
**ସମକାଳର କଥା :** ଶୈଳେନ୍ଦ୍ର କୁମାର ଜେନା, ମନୋଜ ମହାନ୍ତି, ଭାଗିରଥୀ ବେହେରା, ସୁନୀତା କର, ନଗେନ୍ଦ୍ର କୁମାର ପ୍ରଧାନ, ସୁନନ୍ଦା ମହାନ୍ତି।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ପଦ୍ମାଳୟା ପାଢ଼ୀ, ଶିବମ୍ ପଟ୍ଟନାୟକ, ସତ୍ୟ ରଂଜନ ସାହୁ, ଅଶୋକ କୁମାର ମିଶ୍ର, ପ୍ରକାଶ କୁମାର ସାହୁ, ମନୋରମା ସାହୁ ଏବଂ 'କଥାକଳିକା' ୧୦ମ ବାର୍ଷିକ ଜନ୍ମ ଉତ୍ସବ ସମାଚାର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)




# ନିର୍ବାଚନ ପରେ ବଢ଼ିବ ପେଟ୍ରୋଲ-ଡିଜେଲ ଦର, ମୋବାଇଲ ରିଚାର୍ଜ ମଧ୍ୟ ହେବ ମହଙ୍ଗା

**ନୂଆଦିଲ୍ଲୀ, ୧୨।୪**

ସାରା ଦେଶରେ ଏବେ ସାଧାରଣ ନିର୍ବାଚନର ମାହୋଲ। ଅନେକ ରାଜନୈତିକ ଦଳ ଏବେ ଭୋଟରଙ୍କୁ ଗୋଟିଏ ପରେ ଗୋଟିଏ ପ୍ରତିଶ୍ରୁତି ଦେବାରେ ଲାଗିପଡିଛନ୍ତି। ବର୍ତ୍ତମାନ ଆସିଥିବା ଏକ ରିପୋର୍ଟରେ କୁହାଯାଇଛି ଯେ ନିର୍ବାଚନ ପରେ ସାଧାରଣ ଲୋକଙ୍କ ପକେଟ ଉପରେ ଆର୍ଥିକ ଭାର ବଢ଼ିପାରେ। କାରଣ ବଜାର ବିଶେଷଜ୍ଞମାନଙ୍କ କହିବା ମୁତାବକ ନିର୍ବାଚନ ପରେ ବଢ଼ିବ ଅଶୋଧିତ ତୈଳ ଦର। ଏମିତିକି ଫୋନ ବିଲ୍ ମଧ୍ୟ ଏଥିରୁ ବାଦ୍ ପଡିବ ନାହିଁ। ନିର୍ବାଚନ ପରେ ମୋବାଇଲ ରିଚାର୍ଜ ପ୍ଲାନଗୁଡିକର ମୂଲ୍ୟ ୧୫ରୁ ୧୭ ପ୍ରତିଶତକୁ ବୃଦ୍ଧି ପାଇପାରେ। ଚଳିତଥର ଦେଶରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୦ରେ ଅନୁଷ୍ଠିତ ହେବ। ଏହାପରେ ଏହି ନିର୍ବାଚନ ଜୁନ୍ ପହିଲା ସୁଦ୍ଧା ୭ଟି ପର୍ଯ୍ୟାୟରେ ଶେଷ ହେବ। ଜୁନ୍ ୪ରେ ଭୋଟ ଗଣନା କରାଯିବ ଏବଂ ଏକ ନୂତନ ସରକାର ଗଠନ ହେବ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଅଧିକ ରହିଥିବାବେଳେ ସାରା ବିଶ୍ୱରେ ଅସ୍ଥିରତାର ବାତାବରଣ ରହିଛି। ଇସ୍ରାଏଲ ଏବଂ




ହାମାସ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ସହିତ ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବନ୍ଦ ନ ହେବା ଏବଂ ସୁଧ ହାର ସମ୍ବନ୍ଧରେ ଫେଡେରାଲ ରିଜର୍ଭର ଘୋଷଣା ସହ ଶୋଧିତ ତୈଳ ଉତ୍ପାଦନ ହ୍ରାସ କରିବାକୁ ଓପେକ ରାଷ୍ଟ୍ର ସମୂହ ଘୋଷଣା କରିଛନ୍ତି। ଏସବୁ ବାହ୍ୟ ପ୍ରଭାବର କାରଣରୁ ଘରୋଇ ବଜାର ଉପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧିଜନିତ ଚାପ ରହିବ। ସମ୍ପ୍ରତି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ଭାବେ ଦୁଇ ସପ୍ତାହ ହେବ ବୃଦ୍ଧି ପାଇବାରେ ଲାଗିଛି।

ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତେଲହେଲ ଦର ବ୍ୟାରେଲ ପିଛା ୯୦ ଡଲାର ଉପରେ ରହିଛି। ଏହା ସତ୍ତ୍ୱେ□ ଘରୋଇ ବଜାରରେ ପେଟ୍ରୋଲେ ଏବଂ ଡିଜେଲ ଦର ସ୍ଥିର ରହିଛି। ଆହୁରିମଧ୍ୟ ଗତ ମାସରେ କେନ୍ଦ୍ର ସରକାର ଉଭୟ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୨ ଟଙ୍କା ହ୍ରାସ ଘଟାଇଥିଲେ। ତେବେ ବିଗତ ୬ ମାସ ମଧ୍ୟରେ ପ୍ରଥମ କରି ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୯୦ ଡଲାର ଅତିକ୍ରମ କରିଛି। ତେଣୁ ଏଭଳି ସମୟରେ ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଘଟିବାର ଯଥେଷ୍ଟ ସମ୍ଭାବନା ରହିଥିବା ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ନିର୍ବାଚନ ପରେ ଟେଲିକମ ଶିଳ୍ପ ରିଚାର୍ଜ ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇପାରେ। ଆଣ୍ଟିକ ଷ୍ଟକ୍ ବ୍ରୋକିଂର ଏକ ରିପୋର୍ଟ ଅନୁଯାୟୀ, ଏହି କ୍ଷେତ୍ରରେ ଫି' ବୃଦ୍ଧି ଘଟିବା ପ୍ରାୟ ନିଶ୍ଚିତ। ନିର୍ବାଚନ ପରେ ଟେଲିକମ୍ ଶିଳ୍ପ ଏହାର ଟାରିଫ ପ୍ଲାନ୍‌ରେ ୧୫-୧୭ ପ୍ରତିଶତ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଡିସେମ୍ବର ୨୦୨୧ରେ ଦେଶରେ ମୋବାଇଲ ରିଚାର୍ଜ ଯୋଜନାଗୁଡ଼ିକ ଶେଷ ଥର ପାଇଁ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଶୁଳ୍କରେ ୨୦ ପ୍ରତିଶତ ବୃଦ୍ଧି କରାଯାଇଥିଲା।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com